ସାଧାରଣ ଲୋକଙ୍କ ଖବରକାଗଜ
# ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ

Vol.26 . No.102 Bhubaneswar Friday May 26 2023 | ୨୬ତମ ବର୍ଷ ସଂଖ୍ୟା-୧୦୨ ଭୁବନେଶ୍ୱର ଶୁକ୍ରବାର, ମଇ ୨୬, ୨୦୨୩ | (୮ ପୃଷ୍ଠା) | ମୂଲ୍ୟ-୧.୫୦ | ₹1.50 | (Air Surcharge - 0.50P) | Member-INS

# ରାତିରେ ଫୋନ୍ କରି ନର୍ସଙ୍କୁ କ୍ୱାର୍ଟରକୁ ଡାକୁଥିଲେ ଡାକ୍ତର




ଭୁବନେଶ୍ୱର, ୨୫।୫(ପି.ଏନ):ରାତିରେ ଫୋନ୍ କରି କ୍ୱାର୍ଟରକୁ ଡାକୁଥିଲେ ଡାକ୍ତର ! ମନାକଲେ ଘରେ ପଶି ଦୁଷ୍କର୍ମ କରିବେ ବୋଲି ଧମକ ଦେଉଥିଲେ ବୋଲି ଅଭିଯୋଗ ଆସିଛି। ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ଡାକ୍ତରଙ୍କ ବିରୋଧରେ ଆସିଛି ଏପରି ସଙ୍ଗୀନ ଅଭିଯୋଗ। ଆଉ ଅଭିଯୋଗ ଆଣିଛନ୍ତି ଜଣେ ଷ୍ଟାଫ୍ ନର୍ସ। ଏନେଇ ପୀଡ଼ିତା ନର୍ସ ଭଦ୍ରକ ଜିଲ୍ଲା ଚାନ୍ଦବାଲି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏସ୍‌ପିଙ୍କ ନିର୍ଦ୍ଦେଶ ପୁଲିସ୍ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୧ ବର୍ଷ ଧରି ଷ୍ଟାଫ୍‌ନର୍ସ ଭାବେ କାମ କରୁଛନ୍ତି ନିକିତା(ଛଦ୍ମନାମ)। ସେ ଏଫ୍‌ଆଇଆର୍‌ରେ ଦର୍ଶାଇଛନ୍ତି, ଉକ୍ତ ମେଡିକାଲ୍‌ରେ କାର୍ଯ୍ୟରତ ସ୍ତ୍ରୀ ଓ ପ୍ରସୂତୀ ବିଭାଗର ଡାକ୍ତର ପ୍ରଦ୍ୟୁମ୍ନ ସାହୁ ସବୁବେଳେ ତାଙ୍କ ମର୍ଯ୍ୟାଦାହାନୀ କରୁଛନ୍ତି। ମେଡିକାଲ୍‌ରେ କାମ କଲାବେଳେ ନାନା ହଇରାଣ ହରକତ କରୁଛନ୍ତି। ଏକୁଟିଆ ପାଇଲେ ଟଣାଓଟରା କରିଥିବା ପୀଡ଼ିତା ଅଭିଯୋଗ କରିଛନ୍ତି। ରାତି ଅଧରେ ଫୋନ୍ କରି ଡାକୁଛନ୍ତି। ମନା କଲେ ଅଶ୍ଳୀଳ ଭାଷାରେ ଗାଳି ଦେଉଛନ୍ତି। କ୍ୱାର୍ଟରରେ ପଶି ଦୁଷ୍କର୍ମ କରିବେ ବୋଲି ଧମକ ଦେଉଛନ୍ତି। ଯାହାର ରେକର୍ଡିଂ ମୋ' ପାଖରେ ରହିଛି ବୋଲି ପୀଡ଼ିତା କହିଛନ୍ତି। ଏଥିସହ ମୋ' ସ୍ୱାମୀଙ୍କୁ ଗୁଣ୍ଡା ଲଗାଇ ମାରିଦେବାକୁ ଧମକ ଦେଉଥିବା ପୀଡ଼ିତା ଏତଲାରେ ଦର୍ଶାଇଛନ୍ତି।

## ପିକଅପ ଭ୍ୟାନରୁ ୭୨ କେଜି ଗଞ୍ଜେଇ ଜବତ

ଗଞ୍ଜାମ, ୨୫।୫(ପି.ଏନ): ଗଞ୍ଜାମ ଜିଲ୍ଲା ଖଲ୍ଲିକୋଟ ଥାନା ଅନ୍ତର୍ଗତ ଚିକିଲି ଲକ୍ଷ୍ମୀନାରାୟଣପୁର ରାସ୍ତାରେ ପୋଲିସ ଚଢ଼ଉ କରି ଏକ ପିକଅପ ଭ୍ୟାନରୁ ୭୨ କେଜି ଗଞ୍ଜେଇ ଜବତ କରିଛି । ଗାଡିର ଡ୍ରାଇଭର ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିବା ବେଳେ ଗାଡିରେ ଥିବା ଜଣେ ୧୭ ବର୍ଷିୟ ନାବାଳକକୁ ପୋଲିସ ଧରି ଜୁଭେନାଇଲ କୋର୍ଟକୁ ପଠାଇଛି । ସଚିନାରୁ ଏହି ଗଞ୍ଜେଇ ପଶ୍ଚିମବଙ୍ଗ ଚାଲାଣ ବେଳେ ଧରାପଡିଛି ବୋଲି ଖଲ୍ଲିକୋଟ ଥାନା ଅଧିକାରୀ ଜଗନ୍ନାଥ ମଲ୍ଲିକ ସୂଚନା ଦେଇଛନ୍ତି ।

## ତିହାଡ଼ ଜେଲ୍ ର ବାଥରୁମ୍ ରେ ପଡି ସତ୍ୟନ୍ଦ୍ର ଜୈନ ଆହତ, ଡିଡିୟୁ ହସ୍ପିଟାଲରେ ଭର୍ତି

ନୂଆଦିଲ୍ଲୀ, ୨୫।୫(ପି.ଏନ): ଦିଲ୍ଲୀ ସରକାରଙ୍କ ପୂର୍ବତନ ମନ୍ତ୍ରୀ ସତ୍ୟନ୍ଦ୍ର ଜୈନ ଆଜି ସକାଳେ ଜେଲ୍ ର ବାଥରୁମ୍ ରେ ପଡିଯାଇଛନ୍ତି । ଫଳରେ ତାଙ୍କ ଶରୀରରେ ଆଘାତ ଲାଗିଛି । ଜେଲ୍ ପ୍ରଶାସନ ପକ୍ଷରୁ ତାଙ୍କୁ ଚିକିତ୍ସା ନିମନ୍ତେ ଦିନଦୟାଲ ଉପାଧ୍ୟାୟ (ଡିଡିୟୁ) ହସ୍ପିଟାଲରେ ଭର୍ତି କରାଯାଇଛି । ସେ ତିହାଡ଼ ଜେଲ୍ ର ବାଥରୁମ୍ ରେ ପଡି ଆହତ ହୋଇଛନ୍ତି । ତାଙ୍କ ମୁଣ୍ଡ ବୁଲାଇ ଦେବାରୁ ସେ ପଡି ଯାଇଥିଲେ । ଏହା ପୂର୍ବରୁ ମଧ ସତ୍ୟନ୍ଦ୍ର ଜୈନ ବାଥରୁମ୍ ରେ ପଡି ଥିଲେ । ତାଙ୍କ ଶରୀରରେ ଗଭୀର ଆଘାତ ଲାଗିଥିଲା ।ଏହା ପୂର୍ବରୁ ତାଙ୍କୁ ସୋମବାର ଦିନ ସଫଦରଜଙ୍ଗ ହସ୍ପିଟାଲ ନିଆଯାଇଥିଲା । ସେଠାରେ ତାଙ୍କୁ ନ୍ୟୁରୋସର୍ଜନଙ୍କୁ ଦେଖିଆ ଯାଇଥିଲା । ଡାକ୍ତରଙ୍କ କହିବା ଅନୁସାରେ ତାଙ୍କର ଓଜନ ୩୫ କେଜି କମି ଯାଇଛି ।ତିହାଡ଼ ଜେଲ୍ ର ମୁଖପାତ୍ର ଅରବିନ୍ଦ କୁମାର ଏନେଇ ଅଧିକ ସୂଚନା ଦେଇ କହିଛନ୍ତି ଯେ, ଗୁରୁବାର ସକାଳ ପ୍ରାୟ ୬ଟା ସମୟରେ ଜେଲ୍ ହସ୍ପିଟାଲର ବାଥରୁମ୍ ରେ ଡା. ସତେନ୍ଦ୍ର ଜୈନଙ୍କ ପାଦ ଖସିଯିବାରେ ସେ ତଳେ ପଡି ଯାଇଥିଲେ । ତାଙ୍କ ପିଠି, ବାମ ଗୋଡ ଏବଂ କାନ୍ଧରେ ଯନ୍ତ୍ରଣା କାରଣରୁ ତାଙ୍କୁ ଡିଡିୟୁ ହସ୍ପିଟାଲକୁ ରେଫର୍ କରାଯାଇଥିଲା ।

# ଛାତ୍ରଛାତ୍ରୀଙ୍କୁ ମିଳିବ ମାଗଣାରେ ୱାଇଫାଇ ଓ ୧ ଜିବି ଡାଟା



ଭୁବନେଶ୍ୱର, ୨୫।୫(ପି.ଏନ): ଛାତ୍ରଛାତ୍ରୀଙ୍କୁ ମାଗଣାରେ ୱାଇଫାଇ ଓ ୧ ଜିବି ଡାଟା ମିଳିବ। ବୈଷୟିକ ଶିକ୍ଷାନୁଷ୍ଠାନ, କଲେଜ ଓ ୟୁନିଭର୍ସିଟି ଛାତ୍ରଛାତ୍ରୀ ଏହାଦ୍ୱାରା ଲାଭବାନ ହେବେ। ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ପାଇଁ ଉଚ୍ଚ ଶିକ୍ଷା ବିଭାଗ ଏହି ନିଷ୍ପତି ନେଇଥିବା ଉଚ୍ଚ ଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀ ସୂଚନା ଦେଇଛନ୍ତି। ଉଚ୍ଚଶିକ୍ଷା ବିଭାଗର ସମୀକ୍ଷା ବୈଠକ ପରେ ମନ୍ତ୍ରୀ ଏହି ସୂଚନା ଦେଇଛନ୍ତି ।ଆଜି ଲୋକସେବା ଭବନର ତୃତୀୟ ମହଲା ସମ୍ମିଳନୀ କକ୍ଷରେ ମୁଖ୍ୟମନ୍ତ୍ରୀ ଉଚ୍ଚଶିକ୍ଷା ବିଭାଗର ବିଗତ ଚାରି ବର୍ଷରେ କରାଯାଇଥିବା ପ୍ରମୁଖ କାର୍ଯ୍ୟକ୍ରମଗୁଡ଼ିକର ସମୀକ୍ଷା କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା ପରେ ଗୀତଗୋବିନ୍ଦ ସଦନଠାରେ ସାମ୍ବାଦିକମାନଙ୍କୁ ସୂଚନା ଦେଇ ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ଯେ ରାଜ୍ୟର ବୈଷୟିକ ଅନୁଷ୍ଠାନ, ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟଗୁଡିକରେ ମାଗଣା ୱାଇଫାଇର ସୁବିଧା ଅଛି। ଛାତ୍ରଛାତ୍ରୀମାନଙ୍କୁ ମାଗଣା ୧ ଜିବି ଡାଟା ଯୋଗାଇଦେବା ନିମନ୍ତେ ଇଲେକ୍‌ଟ୍ରୋନିକ୍ସ, ସୂଚନା ଓ ପ୍ରଯୁକ୍ତିବିଦ୍ୟା ବିଭାଗ କାର୍ଯ୍ୟ କରୁଛି। ୨୦୧୬-୧୭ ଠାରୁ ବାଣିଜ୍ୟିକ ବ୍ୟାଙ୍କଗୁଡ଼ିକ ମାଧ୍ୟମରେ ଶତକଡ଼ା ୧ ସୁଧ ହାରରେ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷା ଋଣ ଯୋଗାଇ ଦିଆଯାଉଛି ଏବଂ ବଳକା ସୁଧର ଭାର ସରକାର ବହନ କରୁଛନ୍ତି । ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ମାଗଣା ଲାପଟପ ଯୋଗାଇଦେବା ନିମନ୍ତେ ମାର୍ଗଦର୍ଶିକାରେ ଥିବା ରାଜ୍ୟସ୍ତରୀୟକୁ ଜିଲ୍ଲା ଓ ମଣ୍ଡଳରେ ପରିବର୍ତ୍ତନ କରାଯାଇ ସମ୍ପୂର୍ଣ୍ଣ ରୂପେ କାର୍ଯ୍ୟକାରୀ କରାଯାଇଛି । ମୁଖ୍ୟମନ୍ତ୍ରୀ ଛାତ୍ର ପ୍ରୋତ୍ସାହନ ଯୋଜନା ମାଧ୍ୟମରେ ଜିଲ୍ଲା / ମଣ୍ଡଳ ସ୍ତରରେ (ରାଜ୍ୟସ୍ତରୀୟ ନୁହେଁ) ମେଧା ତାଲିକା ପ୍ରସ୍ତୁତ କରିବା ପାଇଁ ବୃତି ମାର୍ଗଦର୍ଶିକାରେ ପରିବର୍ତନ ଅଣାଯାଇଛି । ସର୍ବଭାରତୀୟ ସେବା ପରୀକ୍ଷା ନିମନ୍ତେ ଓଡ଼ିଆ ଛାତ୍ରଛାତ୍ରୀମାନଙ୍କୁ ତାଲିମ ପ୍ରଦାନ ନିମନ୍ତେ ସମସ୍ତ ବର୍ଗର ୨୦୦ ମେଧାବୀ ବେସାମରିକ ସେବା ଆଶାୟୀମାନଙ୍କ ପାଇଁ ମାଗଣାରେ ତାଲିମ ବ୍ୟବସ୍ଥା ସହ ରହିବା ଓ ଖାଇବାର ବ୍ୟବସ୍ଥା କରାଯାଇଛି। ରାଜ୍ୟ/ଦେଶ ବାହାରକୁ ଏକ୍ସପୋଜର ଭିଜିଟ ସମେତ ଶିକ୍ଷକମାନଙ୍କୁ ଉତ୍ସାହିତ କରିବା ପାଇଁ ନିୟମିତ ଭାବେ ଓରିଏଂଟସେନ/ ରିଫ୍ରେସର/ ମିଡକ୍ୟାରିଅର ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି । ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟର ଅଳ୍ପ କିଛି ବିଷୟର ବିକାଶ ନିମନ୍ତେ ସାରା ରାଜ୍ୟରେ ୧୧ ଗୋଟି ଉତ୍କର୍ଷ କେନ୍ଦ୍ର (ସିଓଇ) କାର୍ଯ୍ୟ କରୁଛି । ଶିକ୍ଷା କ୍ଷେତ୍ରରେ ପଛୁଆ ବ୍ଲକର ଦ୍ୱାଦଶ ଶ୍ରେଣୀ ପାସ କରିଥିବା ଛାତ୍ରଛାତ୍ରୀମାନେ ବିଶେଷ କରି ବିଜ୍ଞାନ ଡିଗ୍ରୀ ପାଠ୍ୟକ୍ରମରେ ପଢିବା ପାଇଁ ଆଶା ରଖିଥିବା ଛାତ୍ରଛାତ୍ରୀମାନଙ୍କର ଯନି ନେବା ନିମନ୍ତେ ବିଜ୍ଞାନ ଡିଗ୍ରୀ ମହାବିଦ୍ୟାଳୟ ପ୍ରତିଷ୍ଠା କରିବା ପାଇଁ ପଦକ୍ଷେପ ନିଆଯାଇଛି ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ ଉଲ୍ଲେଖ କରିଥିଲେ । ୨୦୦୦ ମସିହାର ଉଚ୍ଚଶିକ୍ଷା କ୍ଷେତ୍ର ନିମନ୍ତେ ବଜେଟ ବ୍ୟବସ୍ଥା ୪୭୩ କୋଟି ଥିବାବେଳେ ୨୦୨୩ ମସିହାରେ ଏହା ୩୧୭୩ କୋଟିକୁ ବୃଦ୍ଧି କରାଯାଇଛି । ମହାବିଦ୍ୟାଳୟ ସଂଖ୍ୟା ୫୪୮ ରୁ ୧୦୨୪ ବୃଦ୍ଧି ହୋଇଥିବାବେଳେ ରାଜ୍ୟ ସାଧାରଣ ବିଶ୍ୱବିଦ୍ୟାଳୟ ସଂଖ୍ୟା ୬ ରୁ ୧୬ କୁ ବୃଦ୍ଧି ପାଇଛି । ଅନଗ୍ରସର ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କୁ ଆର୍ଥିକ ସହାୟତା ଯୋଗାଇଦେବା ପାଇଁ ସରକାର ୨୦୧୯-୨୦ ମସିହାରୁ ବାର୍ଷିକ ୨୦ ହଜାର ଟଙ୍କା ଗୋପବନ୍ଧୁ ସହାୟତା ଯୋଜନାରେ ଯୋଗାଇ ଦେଉଛନ୍ତି। ଏଥିପାଇଁ ବଜେଟରେ ପ୍ରତିବର୍ଷ ସରକାର ୪୦ କୋଟିରୁ ଊର୍ଦ୍ଧ୍ୱର୍ ଟଙ୍କାର ବ୍ୟବସ୍ଥା ରଖିଛନ୍ତି । କଳିଙ୍ଗ ଶିକ୍ଷା ସହାୟତା ଯୋଜନା ଅଧୀନରେ ଶିକ୍ଷା ଋଣ ନେଇଥିବା ଛାତ୍ରଛାତ୍ରୀମାନେ ୧% ସୁଧ ଦେଉଥିଲାବେଳେ ସୁଧ ବବାଦକୁ ବଳକା ଅର୍ଥ ସରକାର ବହନ କରୁଛନ୍ତି । ନିୟୋଜନ ଓ ନିଯୁକ୍ତି ସୁଯୋଗ ସୃଷ୍ଟି ଲାଗି ପ୍ରତ୍ୟେକ ବର୍ଷ ୫୦ ହଜାର ଛାତ୍ରଛାତ୍ରୀମାନଙ୍କୁ ଚାକିରି ମେଳା ମାଧ୍ୟମରେ ଇଣ୍ଟର୍ନସିପ ଓ ଦକ୍ଷତା ବିକାଶ ତାଲିମ ନିଗମ ଏବଂ ଶିଳ୍ପ ଚୟନକାରୀ ସଂସ୍ଥାମାନଙ୍କ ମିଳିତ ସହଯୋଗରେ ପ୍ରଦାନ କରିବା ବ୍ୟବସ୍ଥା କରାଯାଉଛି । ମୁଖ୍ୟମନ୍ତ୍ରୀ ଗବେଷଣା ପ୍ରୋତ୍ସାହନ ବୃତି ଯୋଜନା ଅଧୀନରେ ପୂର୍ବରୁ ଥିବା ଓଡିଶା ବିଶ୍ୱବିଦ୍ୟାଳୟ ଗବେଷଣା ଏବଂ ଅଭିନବିକରଣ ପ୍ରୋତ୍ସାହନ ଯୋଜନା ନୂତନ ଯୋଜନା ସହିତ ସମ୍ମିଳିତ ହୋଇ ୫ ବର୍ଷ ପାଇଁ ୩୨୬ କୋଟି ଟଙ୍କା ୨୦୨୩-୨୪ ରେ ବଜେଟରେ ସ୍ଥାନିତ ହୋଇଛି ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ ଉଲ୍ଲେଖ କରିଛନ୍ତି। ବିଶ୍ୱବିଦ୍ୟାଳୟ ଓ ସ୍ୱୟଂଶାସିତ ମହାବିଦ୍ୟାଳୟଗୁଡିକ ନିମନ୍ତେ ବିକଶିତ ହୋଇଥିବା 'ଇ-ରିସୋର୍ସ' କାର୍ଯ୍ୟକ୍ରମ ପାଇଁ ୨୦୨୨ ମସିହାରେ ବିଭାଗ ସ୍କଚ ଗୋଲ୍ଡ ଆୱାର୍ଡରେ ସମ୍ମାନିତ ହୋଇଥିଲା । ସମ୍ବଲପୁର ବିଶ୍ୱବିଦ୍ୟାଳୟର ପୁରୁଷ ଓ ମହିଳା ହକି ଦଳ ସର୍ବଭାରତୀୟ ଆନ୍ତଃବିଶ୍ୱବିଦ୍ୟାଳୟ ପୁରୁଷ ଓ ମହିଳା ହକି ଟୁର୍ନାମେଣ୍ଟରେ ତୃତୀୟ ସ୍ଥାନ ଅଧିକାର କରିଛି। ରାଜ୍ୟ ସାଧାରଣ ବିଶ୍ୱବିଦ୍ୟାଳୟର ଅଧ୍ୟାପକ/ ଅଧ୍ୟାପିକାମାନେ ଶିକ୍ଷାଗତ କ୍ଷେତ୍ରରେ ୩୭୨ ଗୋଟି ଜାତୀୟ ଏବଂ ଅନ୍ତର୍ଜାତୀୟ ପୁରସ୍କାର ପାଇଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ମଂଚାସୀନ ଥିବାବେଳେ ବିଭାଗୀ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ବନ ବିଭାଗର ଚଢ଼ଉ : ୨ ଶିକାରୀ ଗିରଫ

ବାରିପଦା, ୨୫।୫(ପି.ଏନ): ମୟୂରଭଞ୍ଜ ଜିଲ୍ଲା କପ୍ତିପଦାରେ ବନ ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ଦୁଇ ଜଣ ଶିକାରୀଙ୍କୁ ଗିରଫ କରାଯାଇଛି । ସେମାନଙ୍କ ନିକଟରୁ ଦୁଇଟି ଗୁଳିଭର୍ତି ବନ୍ଧୁକ ଜବତ ହୋଇଛି । ସେମାନଙ୍କ ନିକଟରୁ ବଜ୍ରକାପ୍ତା କାତି ଓ ଜଙ୍ଗଲି ଯନ୍ତୁଙ୍କ ମାଂସ ଜବତ ହୋଇଛି ।

## ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଲୋକଙ୍କ ପାଇଁ ପ୍ରେରଣାର ଉତ୍ସ: ରାଜ୍ୟପାଳ

ଖୁଂଟି, ୨୫।୫(ପି.ଏନ): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଝାଡ଼ଖଣ୍ଡ ଗସ୍ତର ଦ୍ୱିତୀୟ ଦିନରେ ଖୁଂଟିର ବିର୍ସା ମୁଣ୍ଡା କଲେଜରେ ଗୁରୁବାର ଆୟୋଜିତ ମହିଳା ସ୍ୱୟଂ ସହାୟତା ସମ୍ମିଳନୀକୁ ସମ୍ବୋଧନ କରି ରାଜ୍ୟପାଳ ସି.ପି. ରାଧାକୃଷ୍ଣନ କହିଥିଲେ ଯେ, ଝାଡ଼ଖଣ୍ଡ ରାଜ୍ୟବାସୀଙ୍କ ପକ୍ଷରୁ ବିର୍ସା ମୁଣ୍ଡାଙ୍କ ଏହି ପାବନ ଭୂମିରେ ଭାରତର ରାଷ୍ଟ୍ରପତିଙ୍କୁ ହାର୍ଦ୍ଦିକ ସ୍ୱାଗତ ଓ ଅଭିନନ୍ଦନ ଜଣାଉଛି ।

ଏହି ଅବସରରେ ସେ କହିଥିଲେ ଯେ, ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଲୋକଙ୍କ ପାଇଁ ପ୍ରେରଣାର ଉତ୍ସ ସାଜିଛନ୍ତି । ମହିଳାଙ୍କ ପାଇଁ ସେ ଅନେକ କାମ କରିଛନ୍ତି । ଆଜି ଏହି କାର୍ଯ୍ୟକ୍ରମରେ ଏତେ ସଂଖ୍ୟାରେ ମହିଳାଙ୍କ ଉପସ୍ଥିତି ଅତ୍ୟନ୍ତ ଗୌରବର ବିଷୟ । ଯାହାକି ଆମ ସମାଜରେ ପରିବର୍ତନ ଦେଖିବାକୁ ମିଳିଛି ।

## ଆଶ୍ୱସ୍ତି ଆଣିଲା କାଳବୈଶାଖୀ : ଉପକୂଳ ଥଣ୍ଡା, ଜଳୁଛି ପଶ୍ଚିମ ଓଡିଶା

ଭୁବନେଶ୍ୱର, ୨୫।୫(ପି.ଏନ): ତାତିରୁ ଉପକୂଳବାସୀଙ୍କୁ ଆଶ୍ୱସ୍ତି ଦେଇଛି କାଳବୈଶାଖୀ। ଭୁବନେଶ୍ୱର , କଟକ , ଢେଙ୍କାନାଳ ଓ ପୁରୀ ସମେତ କିଛି ସ୍ଥାନରେ କାଳବୈଶାଖୀ ପ୍ରଭାବରେ ଝଡ ବର୍ଷା ହୋଇଥିବାର ସୂଚନା ମିଳିଛି। ଗତ କିଛି ଦିନ ଭଳି ଗୁରୁବାର ସକାଳୁ ଟାଣ ଖରା ଆରମ୍ଭ ହୋଇଯାଇଥିଲା। ତା ସହ ଅସହ ଗୁଳୁଗୁଳି ନାକେଦମ୍ କରିଥିଲା। କିନ୍ତୁ ଅପରାହ୍ନ ସାଢେ ଗୋଟାଏରୁ ୨ ଟା ପାଖାପାଖି ହଠାତ୍ କଳାହାଣ୍ଡିଆ ମେଘ ଘୋଟି ଆସିଥିଲା। ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ସହ କିଛି ସ୍ଥାନରେ ଝଟକା ପବନ ମଧ୍ୟ ଦେଇଥିଲା। ପବନ ଯୋଗୁଁ ଗଛ ଭାଙ୍ଗିବା , ଚାଳ ଓ ଟିଣ ଛପର ଉଡିଯିବା ଭଳି ଚିତ୍ର ମଧ୍ୟ ସାମ୍ନାକୁ ଆସିଛି। ଅପରାହ୍ନର କାଳବୈଶାଖୀ ଲୋକଙ୍କୁ ଗରମରୁ କିଛି ମାତ୍ରାରେ ଆଶ୍ୱସ୍ତି ଦେଇଛି। କାଳବୈଶାଖୀ ବର୍ଷା ଯୋଗୁ ଆଜି ଅପରାହ୍ନରେ ଉପକୂଳ ଥଣ୍ଡା ହୋଇଥିଲେ ହେଁ ପଶ୍ଚିମ ଓଡ଼ିଶାରେ ତାତିର ପାରଦ ଥମିବାର ନାଁ ଧରୁନି। ତେଣୁ ଲୋକେ କଲବଲ ହେଉଛନ୍ତି। ଆଜି ୪୨ ଡିଗ୍ରୀ ଟପିଛି ୫ ସହରର ତାତି। ୪୨.୮ ଡିଗ୍ରୀ ସହ ତାଳଚେର ସବୁଠୁ ଉତପ୍ତ ସ୍ଥାନ ହୋଇଛି। ସମ୍ବଲପୁରରେ ୪୨.୭, ନୂଆପଡ଼ାରେ ୪୨.୪, ଝାରସୁଗୁଡ଼ାରେ ଓ ସୁନ୍ଦରଗଡ଼ରେ ୪୨.୨, ବୌଦ୍ଧରେ ୪୧.୬, ସୋନପୁରରେ ଓ ରାଉରକେଲାରେ ୪୧.୪, ବରଗଡ଼ ଓ ଅନୁଗୋଳରେ ୪୧.୨, ବଲାଙ୍ଗିର ଓ ହିରାକୁଦରେ ୪୧.୧, ନୟାଗଡ଼ରେ ୪୦.୫, ଭୁବନେଶ୍ୱରରେ ୪୦.୨, କଟକରେ ୩୮.୪ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି ।ଆଗାମୀ ୫ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସହରରେ କାଳବୈଶାଖୀର ପ୍ରଭାବ ଜାରି ରହିପାରେ ବୋଲି କହିଛନ୍ତି ପାଣିପାଗ ବିଭାଗ। ୨୪ ଘଂଟା ମଧ୍ୟରେ ୨୧ ଟି ଜିଲ୍ଲାରେ କାଳବୈଶାଖୀ ସହ ବର୍ଷା ଘଡଘଡି ହେବାର ସମ୍ଭାବନା ରହିଛି। ଏହି ସମୟରେ ପବନ ବେଗ ୪୦ରୁ ୫୦ କିମି ରହିପାରେ। ଏଥିପାଇଁ ଏହି ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଏହି ଜିଲ୍ଲାଗୁଡିକ ହେଲା କେନ୍ଦୁଝର , ମୟୁରଭଂଜ, ବାଲେଶ୍ୱର, କୋରାପୁଟ, ରାୟଗଡା, ଗଜପତି, ଗଂଜାମ, ନୟାଗଡ, ଖୋର୍ଦ୍ଧା, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ପୁରୀ, ଢେଙ୍କାନାଳ , କନ୍ଧମାଳ, କଳାହାଣ୍ଡି, ନବରଙ୍ଗପୁର, ବଲାଙ୍ଗିର ଓ ନୂଆପଡା। ସେହିପରି ଆସନ୍ତାକାଲି ପାଇଁ ୯ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ଏହି ଜିଲ୍ଲାଗୁଡିକ ହେଲା ମୟୁରଭଂଜ, ବାଲେଶ୍ୱର, ଭଦ୍ରକ, କେନ୍ଦୁଝର , ରାୟଗଡା,କୋରାପୁଟ, ଗଜପତି,ଗଂଜାମ ଓ କନ୍ଧମାଳ।

## କେନ୍ଦ୍ର ବିରୋଧରେ ସମର୍ଥନ ହାସଲ ପାଇଁ ଶରଦ ପାୱାରଙ୍କୁ ଭେଟିଲେ କେଜ୍ରିୱାଲ



ନୂଆଦିଲ୍ଲୀ, ୨୫।୫(ପି.ଏନ): ଦିଲ୍ଲୀ ପାଇଁ କେନ୍ଦ୍ର ସରକାର ଆଣିଥିବା ଅଧ୍ୟାଦେଶ ବିରୋଧରେ ବିରୋଧୀଙ୍କୁ ଏକାଠି କରିବା ଲକ୍ଷ୍ୟରେ ଥିବା ଆପ୍ ସୁପ୍ରିମୋ ଅରବିନ୍ଦ କେଜ୍ରିୱାଲ ଆଜି ଏନସିପି ଅଧକ୍ଷ ଶରଦ ପାୱାରଙ୍କୁ ଭେଟିଛନ୍ତି ।ବୁଧବାର ସେ ଉଦ୍ଧବ ଠାକରେଙ୍କୁ ଭେଟିଥିବା ବେଳେ ଆଜି ଶରଦ ପାୱାରଙ୍କୁ ଭେଟି ସମର୍ଥନ ଯୋଗାଡ କରିଛନ୍ତି। ଉଭୟ ଉଦ୍ଧବ ଓ ଶରଦ ତାଙ୍କୁ ଏହି ପ୍ରସଙ୍ଗରେ ସମର୍ଥନ ଦେବେ ବୋଲି କହିଥିବା କେଜ୍ରିୱାଲ ସୂଚନା ଦେଇଛନ୍ତି ।ବର୍ତ୍ତମାନ ମୁମ୍ବାଇରେ ଥିବା କେଜ୍ରିୱାଲ କହିଛନ୍ତି, "ବିଜେପିର ଗେମ ପ୍ଲାନ ଦେଶ ପାଇଁ ଅତ୍ୟନ୍ତ ବିପଦଜନକ ସ୍ଥିତି ସୃଷ୍ଟି କରୁଛି। ଏହା ବିରୋଧୀଙ୍କ ପାଇଁ ପ୍ରସଙ୍ଗ ନୁହେଁ। ଏହା ଦେଶର ପ୍ରସଙ୍ଗ ।" ଶରଦ ପାୱାର ଓ ଉଦ୍ଧବ ଠାକେରଙ୍କ ପୂର୍ବରୁ ଦିଲ୍ଲୀ ମୁଖ୍ୟମନ୍ତ୍ରୀ କେଜ୍ରିୱାଲ ତାଙ୍କ ପଶ୍ଚିମବଙ୍ଗ ପ୍ରତିପକ୍ଷ ମମତା ବାନାର୍ଜୀ ଓ ବିହାର ପ୍ରତିପକ୍ଷ ନୀତୀଶ କୁମାରଙ୍କୁ ମଧ ଭେଟିଥିଲେ।

## ୪୮ କେଜି ଗଞ୍ଜେଇ ଜବତ, ଜଣେ ଗିରଫ

ଗଞ୍ଜାମ, ୨୫।୫(ପି.ଏନ): ଗଞ୍ଜାମ ଜିଲ୍ଲା ଗୋଳନ୍ଥରା ଥାନା ଅନ୍ତର୍ଗତ ଚାନ୍ଦପୁରରେ ପୋଲିସ ଚଢ଼ଉ କରି ୪୮ କେଜି ଗଞ୍ଜେଇ ଜବତ କରିବା ସହ ଜଣକୁ ଗିରଫ କରିଛି । ସେ ବେଆଇନ ଭାବେ ଘରେ ଗଞ୍ଜେଇ ରଖି ବ୍ୟବସାୟ କରୁଥିବା ଖବର ପାଇ ପୋଲିସ ସେଠାରେ ଚଢ଼ଉ କରିଥିଲା । ଘଟଣାରେ କେ.ଦୁର୍ଯ୍ୟୋଧନ ରେଡ୍ଡିଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ବିବେକାନନ୍ଦ ମହାନ୍ତ ସୂଚନା ଦେଇଛନ୍ତି ।

## ଆଖି ବୁଜିଲେ ଆଉ ଦୁଇ ଚିତା ଶାବକ



ନୂଆଦିଲ୍ଲୀ,୨୫।୫(ପି.ଏନ):ମଧ୍ୟପ୍ରଦେଶର କୁନୋ ଜାତୀୟ ଉଦ୍ୟାନରେ ଚିତା ମଡକ ଜାରି ରହିଛି। ପୁଣିଥରେ ଏଠାରେ ଥିବା ଦୁଇଟି ଚିତା ଶାବକଙ୍କ ମୃତ୍ୟୁ ହୋଇଛି। ଅତ୍ୟନ୍ତ ଖରାପ ପାଣିପାଗ ଓ ଡିହ୍ରାଇଡ୍‌ରେସନ ଯୋଗୁ ଉଭୟଙ୍କ ମୃତ୍ୟୁ ଘଟିଛି ।ଜାତୀୟ ଉଦ୍ୟାନରେ ୪ଟି ଚିତା ଜନ୍ମ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୨ ଦିନ ଭିତରେ ୩ଟିର ମୃତ୍ୟୁ ହୋଇ ସାରିଲାଣି। ଚିତା ବାଘଙ୍କ ବଂଶବୃଦ୍ଧି ପାଇଁ କେନ୍ଦ୍ର ସରକାର କେତେ କ'ଣ କରୁଥିବା ବେଳେ ଏପରି ଘଟଣା ସେସବୁ ପ୍ରତି ଶକ୍ତ ଝଟକା ସଦୃଶ ହୋଇଛି।

## ମାଡି ଆସିଲା ମେଘ ପବନ; ଉପକୂଳ ଜିଲ୍ଲାମାନଙ୍କରେ ବ୍ୟାପକ କ୍ଷୟକ୍ଷତି, ରଥ କାମ ବି ଅଟକିଲା

ଭୁବନେଶ୍ୱର, ୨୫।୫(ପି.ଏନ): ଅପରାହ୍ନ ପ୍ରାୟ ୨ଟା ପରେ ଅଚାନକ ମାଡି ଆସିଲା କାଳବୈଶାଖୀ। ପ୍ରଚଣ୍ଡ ଶବ୍ଦ ସହ ବଜ୍ରପାତ ସାଙ୍ଗକୁ ଜୋର ପବନ ଓ ବର୍ଷା ହୋଇଥିଲା। ଉପକୂଳ ଓଡିଶାର ଅନେକ ଜାଗାରେ କାଳବୈଶାଖୀ ତାଣ୍ଡବ ଯୋଗୁ ବ୍ୟାପକ କ୍ଷୟକ୍ଷତି ହୋଇଛି। ଭୁବନେଶ୍ୱର, କଟକ, ପିପିଲି, ପୁରୀ, ଢେଙ୍କାନାଳ, ଖୋର୍ଦ୍ଧାରେ ସବୁଠାରୁ ଅଧିକ କ୍ଷୟକ୍ଷତି ହୋଇଛି। ବହୁ ଘରର ଚାଳ, ଟିଣ ଛପର ଉଡି ଯାଇଛି। ଗଛ ପଡି ଘର ଭାଙ୍ଗିଛି। କୁଆପଥର ମାଡରେ ବିଭିନ୍ନ ଫସଲ କ୍ଷତିଗ୍ରସ୍ତ ହୋଇଛି। ପ୍ରବଳ ବର୍ଷା ଓ ପବନ ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି ।ଏହାକୁ ଦୃଷ୍ଟିରେ ରଖି ତୁରନ୍ତ କ୍ଷୟକ୍ଷତି ରିପୋର୍ଟ ଦେବାକୁ ଜିଲ୍ଲାପାଳମାନଙ୍କୁ ସ୍ୱତନ୍ତ୍ର ରିଲିଫ୍ କମିଶନର ନିର୍ଦ୍ଦେଶ ଦେଇଛନ୍ତି।

# ଯୋଗ୍ୟ ହିତାଧିକାରୀଙ୍କୁ କେବେ ମିଳିବ ପକ୍କା ଘର ? : ବିଜେପି

ଭୁବନେଶ୍ୱର, ୨୫।୫(ପି.ଏନ): ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପକ୍କା ଘର କେବେ ଦିଆଯିବ ବୋଲି ରାଜ୍ୟ ସରକାରଙ୍କୁ ପ୍ରଶ୍ନ କରିଛି ବିଜେପି । ଖୁବଶୀଘ୍ର ରାଜ୍ୟ ସରକାର ଯୋଗ୍ୟ ହିତାଧିକାରୀଙ୍କୁ ଘର ନଦେଲେ ରାଜରାସ୍ତାକୁ ଓହ୍ଲାଇବ ବୋଲି ବିଜେପି ଚେତାବନୀ ଦେଇଛି । ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି କେନ୍ଦ୍ର ସରକାର ୩୪ ହଜାର ୬୩ କୋଟି ଟଙ୍କା ପିଏମ୍ ଆବାସ ପାଇଁ ସହାୟତା ଦେବା ସତ୍ତ୍ୱେ ଓଡିଶା ଲୋକ ଘର ନପାଇବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ୨୦୧୯ ମସିହା ପରଠାରୁ ଆବାସ ଗୃହ ପାଇଁ ବାସହୀନ ଯୋଗ୍ୟ ହିତାଧିକାରୀମାନେ ଅପେକ୍ଷା କରି ବସିଛନ୍ତି ଏବଂ ବିଜେଡି ସରକାର କାରଣରୁ ତାହା ଲୋକମାନଙ୍କ ପାଇଁ ସ୍ୱପ୍ନ ପାଲଟିଛି। ପକ୍କା ଘର ପାଇଁ ରାଜ୍ୟ ସରକାରଙ୍କ ଟାର୍ଗେଟ ଥିଲା ୨୬ଲକ୍ଷ ୯୫ ହଜାର । କେନ୍ଦ୍ର ସରକାର ଆଜି ସୁଦ୍ଧା ୨୬ଲକ୍ଷ ୫୧ହଜାର ଘର ମଞ୍ଜୁରୀ କରିସାରିଛନ୍ତି। ରାଜ୍ୟ ସରକାରଙ୍କ ହିସାବ ଅନୁଯାୟୀ ୧୭ଲକ୍ଷ ୧୪ହଜାର ଘର ସମ୍ପୂର୍ଣ୍ଣ ହୋଇଛି ଏବଂ ପାଖାପାଖି ବର୍ଷେ ହେବ ମଞ୍ଜୁରୀ ମିଳିଥିବା ବଳକା ୯ଲକ୍ଷ ୫୯ହଜାର ୫୦୦ ଘର ପାଇଁ ଆଜି ପର୍ଯ୍ୟନ୍ତ ତାଲିକା ପ୍ରସ୍ତୁତ ହୋଇପାରିଲା ନାହିଁ । ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୨୦୨୨ମସିହା ନଭେମ୍ବର ୧ ପୂର୍ବରୁ କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟ ସରକାରଙ୍କୁ କେନ୍ଦ୍ର ସରକାର ଦୁଇ ଦୁଇ ଥର ତାଗିଦା କରିଥିଲେ । ୨୦୨୩ ମସିହା ଜୁନ୍ ମାସ ସୁଦ୍ଧା ପକ୍କା ଘର ନିର୍ମାଣ ପାଇଁ ଆଦେଶ ପତ୍ର ଦେବା ପାଇଁ ରାଜ୍ୟ ସରକାରଙ୍କୁ କେନ୍ଦ୍ର ମନ୍ତ୍ରଣାଳୟ ତରଫରୁ କୁହାଯାଇଥିଲା । ମେ' ମାସ ସରିବାକୁ ବସିଥିବାବେଳେ ତଥାପି ରାଜ୍ୟ ସରକାରଙ୍କ ଏଥି ପାଇଁ କୌଣସି ଚିନ୍ତା ନାହିଁ ।ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପୋର୍ଟାଲରେ ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରିବା ପାଇଁ ୨୦୧୯ ମସିହା ପରେ ୫-୫ ଥର ୱିଣ୍ଡୋ ଖୋଲା ହେଲେ ବି ରାଜ୍ୟ ସରକାର ଅପଲୋଡ୍ କଲେନାହିଁ। ୨୦୧୯ ମସିହା ସର୍ଭେରେ ହୋଇଥିବା ଭୁଲ୍‌ର ପୁନାରୁବୃତି କରି ୨୦୨୨ ମସିହା ସର୍ଭେରେ ମଧ ସେହି ଭୁଲ୍ ପୁଣି କଲେ । ରାଜ୍ୟରେ ଆବଶ୍ୟକ ହେଉଥିବା ପକ୍କାଘର ପାଇଁ କେନ୍ଦ୍ର ପଂଚାୟତିରାଜ ମନ୍ତ୍ରୀଙ୍କ ପାଖରେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ରାଜ୍ୟର ପଂଚାୟତିରାଜ ମନ୍ତ୍ରୀ ଓ ବିଭାଗୀୟ ସଚିବ ଆଲୋଚନା କରିଥିଲେ। ରାଜ୍ୟ ସରକାରଙ୍କ ତରଫରୁ ସାଢେ ଛଅ ଲକ୍ଷ ଘର ଆବଶ୍ୟକ ବୋଲି କୁହାଯାଇଥିବାବେଳେ କେନ୍ଦ୍ର ସରକାରଙ୍କ ତରଫରୁ ୯,୫୯,୫୦୦ ଘର ଆବଂଟନ କରାଯାଇଥିଲା । କିନ୍ତୁ ରାଜ୍ୟ ସରକାର ମଞ୍ଜୁରୀ ପତ୍ର ପାଖରେ ରଖି କୌଣସି କାର୍ଯ୍ୟର ସଠିକ୍ କ୍ରିୟାନ୍ୱୟନ କରିପାରିଲେନାହିଁ। ଅଯୋଗ୍ୟ ହିତାଧିକାରୀଙ୍କ ନାମ ତାଲିକାରୁ କାଟି ଯୋଗ୍ୟ ହିତାଧିକାରୀଙ୍କୁ ଘର ଦେବାକୁ ବିଜେପି ତରଫରୁ ବାରମ୍ବାର ଦାବୀ କରାଯାଉଥିଲେ ମଧ ରାଜ୍ୟ ସରକାର ଏ ବାବଦରେ କର୍ଣ୍ଣପାତ କରୁନାହାଁନ୍ତି। ବିଧାନସଭା ଗୃହରେ ଯୋଗ୍ୟ ହିତାଧିକାରୀଙ୍କ ତାଲିକା ପ୍ରସ୍ତୁତ ହୋଇସାରିଛି ବୋଲି ମନ୍ତ୍ରୀ କହିଥିବାବେଳେ ଆଜି ତାଲିକା ପ୍ରସ୍ତୁତ ହୋଇନଥିବା କଥା ବିଧାନସଭା ବାହାରେ କହୁଛନ୍ତି ।ମୋଦି ପଠାଇଥିବା ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପକ୍କା ଘର ରାଜ୍ୟ ସରକାର କେବେ ଦେବେ ଏବଂ ତାଙ୍କୁ ଆଦେଶ ପତ୍ର ମିଳିବା ତାରିଖ ଘୋଷଣା କରନ୍ତୁ। ଯେଉଁ ତାଲିକା ପ୍ରସ୍ତୁତ ହେବ, ସେଥିରୁ ସଂପୂର୍ଣ୍ଣ ରୂପେ ଅଯୋଗ୍ୟଙ୍କ ନାମ ଉଚ୍ଛେଦ କରାଯିବ ବୋଲି ସ୍ପଷ୍ଟ କରିବେ କି ? ଯୋଗ୍ୟ ହିତାଧିକାରୀଙ୍କୁ ନେଇ ଯେଉଁ ସଠିକ୍ ତାଲିକା ପ୍ରସ୍ତୁତ ହେବ ସେ ତାଲିକାକୁ କେବେ ସାର୍ବଜନୀନ କରିବେ ରାଜ୍ୟ ସରକାର ? ବାଦ୍ ପଡିଥିବା ଯୋଗ୍ୟ ହିତାଧିକାରୀଙ୍କ ନାମ ତାଲିକାରେ କେବେ ଅନ୍ତର୍ଭୁକ୍ତ କରିବେ ରାଜ୍ୟ ସରକାର ? ପକ୍କା ଘର ଆବଂଟନରେ ବାରମ୍ବାର ମିଛ କହି ପ୍ରବଂଚନା କରି ଆସୁଥିବା ବିଜେଡି ସରକାରକୁ ଶ୍ରୀ ହରିଚନ୍ଦନ ୪ ଟି ପ୍ରଶ୍ନ ପଚାରିବା ସହିତ ତାର ଜବାବ୍ ରଖିବାକୁ ଦାବୀ କରିଛନ୍ତି । ଯଦି ରାଜ୍ୟ ସରକାର ନିଜର ଅକ୍ଷମତା ଓ ଅଯୋଗ୍ୟତା କାରଣରୁ ଓଡିଶା ପ୍ରଦେଶର ଯୋଗ୍ୟ ହିତାଧିକାରୀଙ୍କୁ ଘର ଦେବେ ନାହିଁ ତେବେ ଭାରତୀୟ ଜନତାପାର୍ଟି ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବ ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ମୁଖପାତ୍ର ରାଜେନ୍ଦ୍ର ପଣ୍ଡା, ଗଣମାଧ୍ୟମ ସହ ସଂଯୋଜକ ସୁଜିତ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଅପମିଶ୍ରଣ ଅଟକାଇବାକୁ ବଡ ପ୍ରୟାସ, ସାରା ଦେଶରେ ଦୁଗ୍ଧଜାତ ସାମଗ୍ରୀର ହେବ ଯାଞ୍ଚ



ନୂଆଦିଲ୍ଲୀ, ୨୫।୫(ପି.ଏନ): ସାରା ଦେଶରେ ଦୁଗ୍ଧ ଓ ଦୁଗ୍ଧଜାତ ସାମଗ୍ରୀର ହେବ ଯାଞ୍ଚ । ଫୁଡ ସେଫଟି ଏବଂ ଷ୍ଟାଣ୍ଡାର୍ଡ ଅଥରିଟି ଅଫ ଇଣ୍ଡିଆ ପକ୍ଷରୁ ସାରା ଦେଶରେ ଏହି ଅଭିଯାନ ଆରମ୍ଭ ହେବ । ଦୁଗ୍ଧ ଓ ଦୁଗ୍ଧଜାତ ସାମଗ୍ରୀର ଅପମିଶ୍ରଣକୁ ରୋକିବା ପାଇଁ ଏଭଳି ପଦକ୍ଷେପ ନିଆଯାଉଛି । ସାରା ବିଶ୍ୱରେ ଭାରତ ଦୁଗ୍ଧ ଉତ୍ପାଦନ କ୍ଷେତ୍ରରେ ସବୁଠୁ ଆଗରେ ଥିବା ବେଳେ ଅପମିଶ୍ରଣ ଚିନ୍ତାର ବିଷୟ ପାଲଟିଛି । ବିଭିନ୍ନ ସଂଗଠିତ ଓ ଅଣସଂଗଠିତ କ୍ଷେତ୍ରରୁ ନମୂନା ସଂଗ୍ରହ କରାଯାଇ ପରୀକ୍ଷା ହେବ । ଖୁଆ, ଛେନା, ପନୀର, ଘିଅ ଭଳି ସାମଗ୍ରୀର ପରୀକ୍ଷା ହେବ । ଦେଶରେ କ୍ଷୀରର ଚାହିଦା ବଢୁଥିବାରୁ ଏଥିରେ ଅପମିଶ୍ରଣ କରାଯାଇ ଚାହିଦା ମେଣ୍ଟାଇବାକୁ ଚେଷ୍ଟା କରାଯାଉଛି ।








# ଟି ଟାଇମ୍

## ଇତିହାସରେ ଆଜି ଦିନ

ଆଜିର ଦିନରେ ବିଶ୍ୱ ଇତିହାସରେ ଅନେକ ଘଟଣା ଓ ଦୁର୍ଘଟଣାମାନ ଘଟିଛି । ବହୁ ବରପୁତ୍ର ତଥା ପ୍ରଖ୍ୟାତ କଳାକାର ମଧ୍ୟ ଆଜି ଜନ୍ମ ହୋଇଛନ୍ତି । ଆଜିର ଦିନରେ ଇତିହାସ ପୃଷ୍ଠାରେ କ'ଣକ'ଣ ଘଟଣା ଘଟିଥିଲା ଆସନ୍ତୁ ଜାଣିବା :

❖ ଓହାୟୋର କଲମ୍ବସ ନିକଟସ୍ଥ ଚିଡିଆଖାନାରେ ବନ୍ଦୀ ଅବସ୍ଥାରେ ପ୍ରଥମ ଗରିଲା କୋଲୋରା ଜନ୍ମଲାଭ କରିଥିଲା(୧୯୫୬)

❖ ଆଫଗାନିସ୍ତାନର ମଧ୍ୟବର୍ତ୍ତିକାଳୀନ ସରକାରର ମୁଖ୍ୟ ବୁରାହନୁଦ୍ଦିନ ରବ୍ବାନୀ ରାଷ୍ଟ୍ରପତି ହମିଦ କାରଜାଇଙ୍କୁ କ୍ଷମତା କ୍ଷମତା ହସ୍ତାନ୍ତର କରିଥିଲେ(୨୦୦୧)

❖ ହଡସନ ନଦୀ ଉପରେ ନିର୍ମି ତ ଲିଙ୍କନ ଟନେଲ

❖ ସର୍ବସାଧାରଣଙ୍କ ଯାତାୟତ ପାଇଁ ଖୋଲା ଯାଇଥିଲା(୧୯୩୭)

❖ ବର୍ଲିନର ବ୍ରାଣ୍ଡେନବର୍ଗ ଗେଟ ଖୋଲିଥିଲା, ଏହା ଦୀର୍ଘ ୩୦ ବର୍ଷ ପର୍ଯ୍ୟନ୍ତ ବନ୍ଦ ହୋଇ ରହିଥିଲା(୧୯୮୯)

# ପୁରାଣ କାହାଣୀ

## ରାମଙ୍କ ପିତୃସତ୍ୟ ପାଳନ



ମନ୍ଥରା କଥାରେ କୈକେୟୀ ରାଜା ଦଶରଥଙ୍କୁ ଏକଦା ପ୍ରତିଜ୍ଞା କରିଥିବା ଦୁଇଟି ବର ପ୍ରଦାନ କରିବା ଛଳରେ ଏହି ଦୁଇ ବର ମାଗିଲେ ଯେ, ରାମ ବାର ବର୍ଷ ପାଇଁ ବନବାସ କରିବାକୁ ଯିବେ ଓ ତାଙ୍କ ପୁତ୍ର ଭରତ ରାଜା ହେବେ। ରାଜା ଦଶରଥ ଅତିଶୟ ଦୁଃଖରେ ତାଙ୍କ ସତ୍ୟ ରକ୍ଷା କଲେ। ଏହା ଶୁଣି ରାମ ଧୀର ଚିତ୍ତରେ ପିତୃ-ସତ୍ୟ ପାଳନ ନିମନ୍ତେ କିଞ୍ଚିତ ଦୁଃଖ ପ୍ରକାଶ କଲେ ନାହିଁ। ରାମଙ୍କର ଏହି ମହନୀୟତା ହିଁ ସାରା ରାମାୟଣରେ ଅନେକ ରୂପରେ ପ୍ରକାଶିତ ହୋଇଛି। ରାମଙ୍କର ଶତ ବାରଣ ସତ୍ତ୍ୱେ,ବନବାସ ବେଳେ ରାମଙ୍କର ଅନୁସରଣ କରିବା ପାଇଁ ଦେବୀ ସୀତା ଏବଂ ଭ୍ରାତା ଲକ୍ଷ୍ମଣ ଇଚ୍ଛା ପ୍ରକାଶ କଲେ। ରାମଙ୍କର ବାରଣର ଉତ୍ତରରେ ସୀତା କହନ୍ତି, ଆପଣଙ୍କ ପାଦ ଯେଉଁ ବନପ୍ରଦେଶରେ ପଡିମ ତାହା ମୋ ପାଇଁ ଅଯୋଧ୍ୟା ଆଉ ଆପଣଙ୍କ ବିନା ଆଯୋଧ୍ୟା ମଧ୍ୟ ମୋ ପାଇଁ ନର୍କ ସଦୃଶ। ଇତି ମଧ୍ୟରେ ଭାରତ, ଟିଏ କି ମାତୃଳଙ୍କ ଗୃହକୁ ବୁଲି ଯାଥିଲେ, ଏଖବର ଶୁଣି ଗଭୀର ଦୁଃଖ ପ୍ରକାଶ କଲେ। ରାଜା ହେବାର ସୁଯୋଗ ପରିତ୍ୟାଗ କରି ସେ ଭ୍ରାତା ରାମଙ୍କୁ ଦେଖା କରିବା ପାଇଁ ସେ ବନ ଗମନ କରି ରାମଙ୍କୁ ଦେଖା କଲେ। ରାମଙ୍କୁ ବହୁତ ଅନୁନୟ ବିନୟ ପୂର୍ବକ ଫେରିଆସିବାକୁ ଏବଂ ରାଜ୍ୟ ଭାର ଗ୍ରହଣ କରିବାକୁ ଆକୁଳ ପ୍ରାର୍ଥନା କଲେ। କିନ୍ତୁ ରାମ ପିତୃ-ସତ୍ୟ ପାଳନ ନିମନ୍ତେ ସମସ୍ତ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରି ବନବାସ ପୂର୍ବରୁ ରାଜ୍ୟକୁ ଫେରିବାକୁ ମନା କରିଦେଲେ। ତେବେ ଏକ ବିରଳ ଭ୍ରାତୃ ଭକ୍ତିର ଉଦାହରଣ ସ୍ୱରୂପ ଭରତ ଭ୍ରାତା ରାମଙ୍କ କଠଉ ଯୋଡିକ ମସ୍ତକରେ ଧାରଣ ପୂର୍ବକ ଫେରି ଆସିଲେ ଏବଂ ସିଂହାସନରେ ରାମଙ୍କ କଠଉ ସ୍ଥାପନ ପୂର୍ବକ ରାମଙ୍କ ପ୍ରତିନିଧି ଭାବରେ ରାଜ୍ୟ ଶାସନ କରିବାକୁ ଲାଗିଲେ।

# ଆଜିର ଭାଗ୍ୟ

**ମେଷ** - କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** - ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** - କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** - ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ଥି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** - ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** - ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** - ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** - ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।


**ଧନୁ** - ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** - କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** - ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** - କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

# ପଲ୍ଲୀ କବି ନନ୍ଦ କିଶୋର ବଳ



ଓଡିଶା ସାହିତ୍ୟର ପ୍ରାକ୍- ଆଧୁନିକ କାଳରେ ଜଣେ କବି ଥିଲେ। ସେ ଓଡିଶାର ପୁରପଲ୍ଲୀ ଉପରେ କାବ୍ୟ ରଚନା କରିଥିବାରୁ ତାଙ୍କୁ ପଲ୍ଲୀ କବି ବୋଲି ସମ୍ବୋଧନ କରାଯାଏ। ସେ ଓଡିଶାର କଟକ ଜିଲ୍ଲା ଅନ୍ତର୍ଗତ କୁସୁପୁର ଗାଆଁରେ ଜନ୍ମଗ୍ରହଣ କରିଥିଲେ। ପିତାଙ୍କ ନାମ ଥିଲା ଭଜନାନନ୍ଦ ଜେନା ଓ ମାତାଙ୍କର ନାମ ହିରଣ୍ମୟୀ ଦେବୀ। ଶୈଶବରେ ସେ "ରସାନନ୍ଦ ଜେନା" ନାମରେ ପରିଚିତ ଥିଲେ। ପିଉସୀ ପୋଷ୍ୟପୁତ୍ର କରିନେବା ପରେ ସେ ନନ୍ଦକିଶୋର ବଳ ଭାବରେ ପରିଚିତ ହେଲେ। ବାଲ୍ୟ ଜୀବନ କୁସୁପୁରରେ ହିଁ କଟିଥିଲା। ଗାଁ ସ୍କୁଲରୁ ଆରମ୍ଭ କରି, ସେ କଟକ ଟାଉନ ସ୍କୁଲ, ରେଭେନ୍ସା କଲିଜିଏଟ ସ୍କୁଲ, କେନ୍ଦ୍ରାପଡା ଉଚ୍ଚ ଇଂରାଜୀ ବିଦ୍ୟାଳୟ ଓ ରେଭେନ୍ସା ମହାବିଦ୍ୟାଳୟରେ ଶିକ୍ଷାଲାଭ କରିଥିଲେ। ଭକ୍ତି କବି ବଧୂସୂଦନ ରାଓଙ୍କ ଦ୍ୱାରା ପ୍ରତିଷ୍ଠିତ କଟକରେ ଟାଉନ ସ୍କୁଲରୁ ନନ୍ଦ କିଶୋର ନିଜର ଚାକିରି ଜୀବନ ଆରମ୍ଭ କରିଥିଲେ। କିଛି ବର୍ଷ ପରେ, ସେ ସ୍କୁଲ ସବ୍ଇନସିପେକ୍ଟର ଭାବେ ପଦୋନ୍ନତି ପାଉଥିଲେ। ଏହି ଚାକିରିରେ ବାରମ୍ବାର ଗସ୍ତ ଓ ବଦଳି ଯୋଗୁଁ ତାଙ୍କ ଦେହ ଖରାପ ହେଉଥିଲା। ଏହି କାରଣରୁ ସେ ସ୍ୱେଚ୍ଛାକୃତ ଅବସର ନେଇ ଗାଁରେ ରହିବାକୁ ସ୍ଥିର କରିଥିଲେ। କିନ୍ତୁ ଚିକିତ୍ସା ପାଇଁ ତାଙ୍କୁ ପୁନର୍ବାର କଟକ ଆସିବାକୁ ପଡିଥିଲା। ୧୯୨୮ ମସିହା ଜୁଲାଇ ୧ ତାରିଖରେ ଇହଲିଳା ସମ୍ବରଣ କରିଥିଲେ। ରଚନାବଳୀନନ୍ଦ କିଶୋର, କଲେଜରେ ପଢ଼ିଲା ବେଳୁହିଁ ପ୍ରବନ୍ଧ ଲେଖିବା ଆରମ୍ଭ କରିଥିଲେ। ନିଜର ପ୍ରଥମ ପ୍ରଥମ ପ୍ରବନ୍ଧକୁ ସେ "ପଲ୍ଲୀ ଚିତ୍ର" ନାମରେ କବିତାର ରୂପ ଦେଇଥିଲେ। ତାଙ୍କର ରଚନାବଳୀରେ ପଲ୍ଲୀ ପ୍ରକୃତିର ସୁନ୍ଦର ବର୍ଣ୍ଣନା ଫୁଟିଉଠିଥାଏ। ପିଲାମାନଙ୍କ ପାଇଁ ତାଙ୍କଦ୍ୱାରା ରଚିତ "ନାନା ବାୟା ଗୀତ" ଓଡିଶାର ପୁରପଲ୍ଲିରେ ବେଶ୍ ପ୍ରଚଳିତ। ସେ ୧୦୦ରୁ ଅଧିକ ସନେଟ ମଧ୍ୟ ଲେଖିଛନ୍ତି। ତାଙ୍କର ସନେଟ ଗୁଡିକ ପ୍ରକୃତି ଓ ଜନଜୀବନର ଛବିରେ ପୁଷ୍ଟ। ୧୯୨୫ରେ ସେ କନକଲତା (ଉପନ୍ୟାସ) ନାମରେ ଉପନ୍ୟାସଟିଏ ମଧ୍ୟ ରଚିଯାଇଛନ୍ତି।

# ରଣବୀର-କ୍ୟାଟ୍ରିନାଙ୍କୁ ନେଇ ଚର୍ଚ୍ଚା



ରଣବୀର କପୁର ଓ କ୍ୟାଟ୍ରିନା କୈଫଙ୍କ ଅଭିନୀତ ଫିଲ୍ମ 'ଜଗା ଜାସୁସ୍'ର ପ୍ରଥମ ପୋଷ୍ଟର ରିଲିଜ କରାଯାଇଛି। ୟୁଟିଭି ମୋଶନ ପିକଚର୍ସର ଟ୍ୱିଟରରେ ଏହି ପୋଷ୍ଟର ରିଲିଜ କରାଯାଇଛି। ଯେଉଁଥିରେ ଉଭୟ ରଣବୀର ଓ କ୍ୟାଟ୍ରିନାଙ୍କୁ ଓଟପକ୍ଷୀ ଉପରେ ବସି ଯାଉଥିବାର ଦେଖିବାକୁ ମିଳିଛି। ଦୁଇଜଣଙ୍କ ଲୁକ୍ ମଧ୍ୟ ଖୁବ୍ ମଜାଳିଆ ହୋଇଛି। ଯାହାକୁ ଦେଖିବା ପରେ ଫିଲ୍ମ ରିଲିଜର ଅପେକ୍ଷାରେ ରହିଛନ୍ତି ଦର୍ଶକ। ଫିଲ୍ମକୁ ନେଇ ବ୍ୟଗ୍ରତାର ଅନ୍ୟ ଏକ କାରଣ ହେଉଛି ବ୍ରେକଅପ୍ ପରେ ପୁଣିଥରେ ରଣବୀର ଓ କ୍ୟାଟ୍ରିନାଙ୍କୁ ଏଥିରେ ଏକାଠି ଦେଖିବାକୁ ମିଳିବ। ଯାହା ସେମାନଙ୍କ ପ୍ରଶଂସକଙ୍କ ପାଇଁ ଖୁସିର ମୁହୂର୍ତ୍ତ। ତେବେ ଅନୁରାଗ ବସୁଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟି ଚଳିତ ବର୍ଷ ୨୭ ନଭେମ୍ବରରେ ରିଲିଜ କରାଯାଇଥା'ନ୍ତା। ମାତ୍ର ରଣବୀର ଓ କ୍ୟାଟ୍ରିନାଙ୍କ ବ୍ରେକଅପ୍ ଏବଂ ଦୁଇଜଣଙ୍କ ବ୍ୟସ୍ତ ସିଡ୍ୟୁଲକୁ ନେଇ ଫିଲ୍ମଟି ନିର୍ଦ୍ଧାରିତ ସମୟରେ ଶେଷ ହୋଇପାରିନଥିଲା। ତେଣୁ ଏହାର ରିଲିଜ ଡେଟ୍‌କୁ ଘୁଞ୍ଚାଯାଇ ଆସନ୍ତା ବର୍ଷ ଅପ୍ରେଲ ୭ ତାରିଖକୁ ରଖାଯାଇଛି।

# ଉଚ୍ଚ ରକ୍ତଚାପରୁ ରକ୍ଷା କରିବ ଗଭୀର ନିଃଶ୍ୱାସ



ଶରୀରରେ ଯେକୌଣସି ରୋଗର ଉପସ୍ଥିତି ଅଧିକାଂଶ ଲୋକଙ୍କୁ ବହୁତ ଡେରିରେ ଜଣା ପଡ଼ିଥାଏ । ସେଭଳି ଏକ ରୋଗ ହେଉଛି ଉଚ୍ଚ ରକ୍ତଚାପ । ଉଚ୍ଚ ରକ୍ତଚାପକୁ ସାଇଲେଣ୍ଟ କିଲର କୁହାଯାଏ । ଯଦି ଆପଣ ସେଭଳି ସ୍ଥିତିରେ ଗତି କରୁଛନ୍ତି ଓ ଔଷଧପତ୍ର ଖାଇବା ଝାମେଲାରୁ ମୁକୁଳିବାକୁ ଚାହୁଁଛନ୍ତି ତେବେ ଆପଣ ଆପଣଙ୍କ ଲାଇଫ ଷ୍ଟାଇଲକୁ ବଦଳାନ୍ତୁ । ଦୀର୍ଘ ଶ୍ୱାସକ୍ରିୟାରେ ଆରାମ-କିଛି ବ୍ୟକ୍ତିଙ୍କର ରକ୍ତଚାପ ସନ୍ଧ୍ୟା ତୁଳନାରେ ସକାଳ ସମୟରେ ଅଧିକ ଥାଏ । ଏହାର କାରଣ ରାତିରେ ଅମ୍ଳଜାନର ଅଭାବ। ବିପି ନିୟନ୍ତ୍ରଣ ରଖିବା ପାଇଁ ଅମ୍ଳଜାନର ମୁଖ୍ୟ ଭୂମିକା ରହିଛି । ଏଥିପାଇଁ ଦିନବେଳେ ଶାନ୍ତ ପରିବେଶରେ ବସି ୧୦ ରୁ ୧୫ ଥର ପେଟ ଭିତରୁ ଦୀର୍ଘ ନିଃଶ୍ୱାସ ନେବା ଉଚିତ୍ । ଏସ୍ଏମ୍ଏସ୍ ଡାକ୍ତରଖାନାର ଫିଜିସିଆନ୍ ଡା. ସି.ଏଲ୍.ନବଲଙ୍କ କହିବା ଅନୁସାରେ ଗଭୀର ନିଃଶ୍ୱାସ ପ୍ରଶ୍ୱାସ ନେଲେ ଶରୀରରେ ଅମ୍ଳଜାନ ଓ ରକ୍ତ ସଞ୍ଚାଳନ ସୁଚାରୁ ରୂପେ ହୋଇଥାଏ । ତା'ସହିତ ମାନସିକ ରୂପରେ ଶାନ୍ତି ମିଳିଥାଏ ।

# ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

# ବିଲେଇକୁ ମିଳୁଛି ସରକାରୀ ଚାକିରି, ମୋଟା ଦରମା



ଲଣ୍ଡନ ଗୋଟିଏ ପଟେ ଦେଶରେ ବେରୋଜଗାରୀ ସମସ୍ୟା ବୃଦ୍ଧି ପାଉଥିଲା ବେଳେ ଅନ୍ୟପଟେ ଏଠି ବିଲେଇକୁ ପ୍ରଦାନ କରାଯାଉଛି ସରକାରୀ ଚାକିରି ଏବଂ ଚାକିରି ବାବଦରେ ମିଳୁଛି ମୋଟା ଦରମା। ନିକଟରେ ଦେଶର କ୍ୟାବିନେଟ୍ ଦୁଇ ବିଲେଇକୁ ସରକାରୀ ନିଯୁକ୍ତି ପାଇଁ ମଞ୍ଜୁର ଦେଇଛି। ଇବି ଏବଂ ଓସି ନାମକ ଏହି ଦୁଇ ବିଲେଇ ଏବେ ବ୍ରିଟିସ ସରକାରଙ୍କ କ୍ୟାବିନେଟ୍ କାର୍ଯ୍ୟାଳୟରେ ଚାକିରି କରୁଛନ୍ତି। ବିଲେଇଙ୍କୁ ନିଯୁକ୍ତି ଦିଆଯିବା ପୂର୍ବରୁ ବିଧିବଦ୍ଧ ଭାବେ ବିଜ୍ଞାପନ ଦିଆଯାଇଥିଲା। ବିଜ୍ଞାପନରେ ସେମାନଙ୍କର ଯୋଗ୍ୟତା ସହ ବାୟୋଡାଟା ମଧ୍ୟ ମଗାଯାଇଥିଲା। ଏହି ନିଯୁକ୍ତି ପାଇଁ ଅନେକ ଆବେଦନ ପତ୍ର ମିଳିଥିଲା ବେଳେ ଦକ୍ଷତାକୁ ଦୃଷ୍ଟିରେ ରଖି ଦୁଇ ବିଲେଇଙ୍କୁ ନିଯୁକ୍ତି ଦିଆଯାଇଛି। ଏମାନଙ୍କର ଦାୟିତ୍ୱ ହେଉଛି କ୍ୟାବିନେଟ୍ କାର୍ଯ୍ୟାଳୟରୁ ମୂଷା ମାରିବା। ଗତକିଛି ବର୍ଷ ଧରି ଏଠାର କ୍ୟାବିନେଟ୍ କାର୍ଯ୍ୟାଳୟରେ ମୂଷାଙ୍କ ଉତ୍ପାତ ବୃଦ୍ଧି ପାଉଥିଲା ବେଳେ ସେମାନଙ୍କ ଦ୍ୱାରା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ନଷ୍ଟ ହେବାରେ ଲାଗିଛି। ଯେଉଁ କାରଣରୁ ସରକାର ବାଧରେ ମୂଷା ନିୟନ୍ତ୍ରଣ ପାଇଁ ବିଲେଇ ନିଯୁକ୍ତି ଦେଇଛନ୍ତି।

# ଶୀତ ଋତୁରେ ରୋଗ ବେଶୀ



ଶୀତଋତୁ ଆସିଲେ ବିଭିନ୍ନ ପ୍ରକାର ରୋଗ ମଧ୍ୟ ସାଙ୍ଗରେ ଆଣି ଆସିଥାଏ । ଯେପରି ଥଣ୍ଡା, ସଂକ୍ରମଣ, ତ୍ୱଚ ଫାଟିବା ଇତ୍ୟାଦି । କେତେକ ଲୋକଙ୍କର ଭାବନା ରହିଥାଏ କି ସନସ୍କ୍ରିନ୍‌ର ପ୍ରୟୋଗ କେବଳ ଗ୍ରୀଷ୍ମ ଦିନମାନଙ୍କରେ କରାଯାଇଥାଏ କିନ୍ତୁ ଏପରି ଭାବିବା ସମ୍ପୂର୍ଣ୍ଣ ରୂପେ ଭୁଲ୍ । ଥଣ୍ଡା ଦିନମାନଙ୍କରେ ସୂର୍ଯ୍ୟ ଭୂପୃଷ୍ଠର ସବୁଠାରୁ ନିକଟତର ହୋଇଥାନ୍ତି । ଏଥିପାଇଁ ସୂର୍ଯ୍ୟଙ୍କ କିରଣ ଅଧିକ କ୍ଷତି ପହଞ୍ଚାଇଥାଏ । ଥଣ୍ଡା ଦିନମାନଙ୍କରେ କସରତ କରିବା କ୍ଷତିକାର ହୋଇପାରେ । ଏପରି ଭାବିବା ବିଲ୍‌କୁଲ୍ ଭୁଲ୍ । ବାସ୍ ଏହି କଥାର ଧ୍ୟାନ ରଖନ୍ତୁ କି ବାହାରକୁ ବାହାରିବା ପୂର୍ବରୁ ନିଜକୁ ଥଣ୍ଡାରୁ ବଞ୍ଚେଇବାର ସମସ୍ତ ଉପାୟକୁ ସାଙ୍ଗରେ ଧରି ଯାଆନ୍ତୁ । ଥଣ୍ଡା ଦିନମାନଙ୍କରେ ମଦ୍ୟପାନ କରିବା ଦ୍ୱାରା ଶରୀର ଗରମ ପହଞ୍ଚାଇଥାଏ ବୋଲି ଅନେକଙ୍କର ଭାବନା ରହିଥାଏ । କିନ୍ତୁ ବାସ୍ତବରେ ଏହା ଅଳ୍ପ କିଛି ସମୟ ପାଇଁ ଆପଣଙ୍କ ଶରୀରକୁ ଗରମ ରଖିଥାଏ । ଲମ୍ବା ସମୟ ପର୍ଯ୍ୟନ୍ତ ଏହା କାମ କରିନଥାଏ । ଅଧିକ ସମୟ ପର୍ଯ୍ୟନ୍ତ ଥଣ୍ଡାରେ ଘରଠୁ ବାହାରେ ରହିବା ଦ୍ୱାରା ରୋଗ ଆକ୍ରାନ୍ତ ହେବାର ଆଶଙ୍କା ଅଧିକ ରହିଥାଏ । ଏପରି ବିଲ୍‌କୁଲ୍ ନୁହେଁ । ଏହି ମୌସୁମୀରେ ଥଣ୍ଡା, କାଶ, କେବଳ ବ୍ୟାକ୍ଟେରିୟା ଏବଂ ସଂକ୍ରମଣ କାରଣରୁ ହିଁ ହୋଇଥାଏ । ଥଣ୍ଡା ମୌସୁମିରେ ଅଧିକ ଚିନ୍ତା ରହିଥାଏ । ଭିଟାମିନ୍ ସି ଇମ୍ୟୁନିଟିକୁ ବଢେଇଥାଏ ଏବଂ ଥଣ୍ଡା ଦିନମାନଙ୍କରେ ହେଉଥିବା ରୋଗ ମାନଙ୍କଠାରୁ ବଞ୍ଚେଇଥାଏ ।




# କଲ୍ୟାଣ ଗଙ୍ଗାର ନାଉରୀ:ପୂର୍ଣ୍ଣଭାଇ

ସୋମବାର ୨୦୨୨ ଅଗଷ୍ଟ ୧ ତାରିଖ ରାତ୍ର ୮ ଟା ରେ ଓହ୍ଲାଇ ଆସିଲା ବିଷାଦର କଳା ବାଦଲଟା ବେନୁଖଣ୍ଡା ମଫସଲଗାଁ ଜଗତସିଂହପୁର ସହରକୁ । ପ୍ରଚାରିତ ହୋଇଗଲା ସେ ଆଉ ନାହାନ୍ତି । ନିମିଷକେ ସ୍ତମ୍ଭୀଭୂତ ହୋଇଗଲା ଗଗନ-ପବନ । ଗାଁ ରୁ ସହର ଯାଏଁ ଝରିଆସିଲା ଲୋତକର ଧାରା । ସହରର ରାସ୍ତା ସବୁ ଶୂନ୍‌ଶାନ୍ ଲାଗୁଥିଲା । ମନେ ହେଉଥିଲା ବେନୁଖଣ୍ଡା ହରାଇଛି ତାର ଠିକଣା । ସତେ ଯେମିତି ସେ ମାଟି ହରାଇଛି ତାର ରନ୍‌କୁ । ପକ୍ଷୀଟି ଉଡିଗଲା ତାର ପକ୍ଷିଣୀଟି ଛାଡିଦେଇ । ପଞ୍ଜୁରୀରେ ରହିଗଲା ଶାରୀଟି ଏକା । ବିରଳ ଦାମ୍ପତ୍ୟର ସୁଖଦୁଃଖ, ହସକାନ୍ଦ, ଭାବ ଅଭାବକୁ ସମାନ ଅଂଶିଦାର ଭାବରେ ଗ୍ରହଣ କରି ସେମାନେ ଜୀବନ ଗପଗପୁଥିଲେ, ଗାଉଥିଲେ ଜୀବନ ସଂଗୀତ, ସମୟର ଅଙ୍କାବଙ୍କା ରାସ୍ତାରେ ପକ୍ଷିଣୀଟି ବସିଛି, ଚାହିଁ ରହିଛି ତାକୁ ଛାଡିଯାଇଥିବା ତା ସାଥିର ବାଟକୁ ଅଭୁଲା ସ୍ମୃତିରେ ଅବ୍ୟକ୍ତ ଦୁଃଖରେ ମ୍ରିୟମାଣ ହୋଇ । ହଁ ପୂର୍ଣ୍ଣଭାଇ ଚାଲିଗଲେ । କେତେଦିନ ବା ଏକଥାକୁ ଅବିଶ୍ୱାସ କରିହେବ । ମନ ବୁଝୁ ବା ନ ବୁଝୁ , ସତ୍ୟହିଁ ସତ୍ୟ, ପରାଧିନ ଭାରତ, ଆଉ ସ୍ୱାଧିନ ହେବାକୁ ନଅ ଦିନ ବାକି ୧୯୪୭ ସମିହା ଅଗଷ୍ଟ ମାସ ଛଅ ତାରିଖ ଦିନ ଘନଶ୍ୟାମ ପାତ୍ର ଓ ଅଗଣୀ ଦେବୀଙ୍କ କୋଳମଣ୍ଡନ କରି ଜନ୍ମ ନେଲେ ପୂର୍ଣ୍ଣ ଚନ୍ଦ୍ର । ପୂର୍ଣ୍ଣିମାପରି



ଅକ୍ଷୟ କୁମାର ରାଉତ

ବଢି ଚାଲିଲେ ବେନୁଖଣ୍ଡା ଗାଁ ରେ । ଦୁଇ ଭାଇ ଦୁଇ ଭଉଣି ମିଶି ହସ ଖୁସିର ସଂସାରରେ ପାଠ ପଢିଲେ । ଏସ୍.କେ.ଏକାଡେମି. ଜଗତସିଂହପୁରରୁ ମାଟ୍ରିକ୍ ପାସ୍ କରି ସେ ଏସ୍.ଭି.ଏମ୍. କଲେଜରେ ଆଇ.ଏ.ସି. ପାଠ ପଢିଲେ । କଲେଜରେ ପାଠ ପଢିବା ସମୟରେ , ଲେଖା ଲେଖି କରିବା , ବନ୍ୟା ବାତ୍ୟା ସମୟରେ କଲେଜ ସାଙ୍ଗମାନଙ୍କ ସାଥିରେ ଗାଁ ଗଣ୍ଡାରେ ରିଲିଫ୍ ଦେବା ଓ ସାମାଜିକ କାର୍ଯ୍ୟ କରିବାରେ ସେ ଓସ୍ତାତ ଥିଲେ । ପୂର୍ଣ୍ଣ ଚନ୍ଦ୍ର ପାତ୍ର ଆଇ.ଏ.ସି. ପାସ୍ କରି ଇଞ୍ଜିନିୟରିଂ ପାଠ ପଢିଲେ ଓ ଓଡିଶା ସରକାରଙ୍କ ଅଧିନରେ ଚାକିରିଟିଏ କରି ଯାହା ବେତନ ପାଆନ୍ତି ସେଥିରେ ସେ ନିଜ ଖର୍ଚ୍ଚ ସହିତ ବଳକା ଅର୍ଥକୁ ଗରିବ ମେଧାବି ପିଲାଙ୍କ ପାଠ ପଢାରେ ଖର୍ଚ୍ଚ କରନ୍ତି । ତଙ୍କର ଏହି ବଦାନତା ପାଇଁ ସେ ବହୁ ଲୋକଙ୍କର ପ୍ରିୟଭାଜନ ହୋଇପାରିଥିଲେ । ଦୁର୍ନୀତି କୁ ବିରୋଧ କରି ସରକାରି ଚାକିରୀରୁ ଇସ୍ତଫା ଦେଇଥିଲେ । ପୂର୍ଣ୍ଣଭାଇ ତିନି ବର୍ଷ ବୟଷରେ ବାପାକୁ ହରାଇଥିଲେ । ୧୮ ବର୍ଷ ବୟସରେ ମା କୁ ହରାଇ ଏକା ହୋଇଗଲେ । ସେଥି ପାଇଁ ୧୯୭୩ ମସିହାରେ ସାହାଡା ଗ୍ରାମର ବିଷ୍ଣୁ ଚରଣ ରାଏ ଓ ସାବିତ୍ରି ଦେବିଙ୍କର ବଡଝିଅ କବି ସାହିତିକା ସୌଭାଗିନି ରାଏ ଙ୍କୁ ବିବାହ କରିଥିଲେ । ବିବାହ ପରେ ପ୍ରଥମ ଝିଅ ଦେବି,୨ ପୁଅ ବାବି ଓ ବୁବୁ ଜନ୍ମଲାଭ କରିଥିଲେ । ପୂର୍ଣ୍ଣଭାଇ ସବୁବେଳେ ନିଜର ଦକ୍ଷତା ଉପରେ ଭରସା କରୁଥିଲେ ଏବଂ ସେ ସମ୍ପୃକ୍ତ ହେଉଥିବା ଅନୁଷ୍ଠାନ ଗୁଡିକର ପ୍ରଗତି ପାଇଁ ସର୍ବଦା ଚେଷ୍ଟିତ୍ ଥିଲେ । ଗ୍ରାମର ରାସ୍ତା କରିବା ଓ ପୋଖରି ଖୋଳିବା ସହିତ ସଫେଇ ଉପରେ ନିଜ ପଇସାରେ ଏକ ପୋଲ ନିର୍ମାଣ କରିଥିଲେ । ନିଜ ଅଂଚଳର ଲୋକମାନଙ୍କର ବିଭିନ୍ନ ସମସ୍ୟା ନ୍ୟାୟପାଳିକା ମାଧ୍ୟମରେ ହେଉ କିମ୍ବା ଆପୋଷ ସମାଧାନରେ ହେଉ ନିଜେ ଖର୍ଚ୍ଚ କରି ଲୋକ ମାନଙ୍କୁ ସାହାଯ୍ୟ କରୁଥିଲେ । ତେଣୁ ସେ ସାମାଜିକ ସ୍ତରରେ ଲୋକମାନଙ୍କର ଆଦର ଲାଭ କରିଥିଲେ । ନିଜ ସ୍ତ୍ରୀର ଗହଣା ବିକ୍ରିକରି ଶିକ୍ଷାର ଉନ୍ନତି ନିମିତ ଆଳିପିଙ୍ଗଳ ଉଚ୍ଚବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ । ଛାତ୍ର ଛାତ୍ରୀ ଓ ଅଭିଭାବକ ମାନଙ୍କର ସେ ଅତ୍ୟନ୍ତ ନିଜର ହୋଇ ପାରିଥିଲେ। ସେ ଥିଲେ ନିଃସ୍ୱାର୍ଥପର ଭଲପାଇବାର ଦୁର୍ଲ୍ଲଭ ପ୍ରତୀକ । ଲୋକଙ୍କର ଦୁଃଖ ଯନ୍ତ୍ରଣା ସମୟରେ ଛିଡା ହୋଇ ସାହାଯ୍ୟ କରିବା ଥିଲା ତାଙ୍କର ଆନନ୍ଦ । ଏହି ଭଳି ଜଣେ ସର୍ବଗୁଣ ସମ୍ପନ୍ନ ବ୍ୟକ୍ତିତ୍ୱ କାଳର କରାଳ ଗ୍ରାସରେ ଅଫେରନ୍ତା ରାଜ୍ୟରେ ଲିନ ହୋଇଗଲେ । ସେ ନିଜ ଦାୟିତ୍ୱ ତୁଲାଇବା ସହିତ ସବୁବେଳେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷିତ କବି ସାହିତିକା ସ୍ତ୍ରୀ ସୌଭାଗିନୀ ନାନୀଙ୍କୁ ଉତ୍ସାହ ଦେବା ସଙ୍ଗେ ସଙ୍ଗେ ବିଭିନ୍ନ ସାମାଜିକ ଓ ଲେଖା ଲେଖି କାର୍ଯ୍ୟରେ ସହଯୋଗ କରୁଥିଲେ । ସେ ସିନା



ବିଦାୟ ନେଇଛନ୍ତି ଆମ ପାଖରୁ କିନ୍ତୁ ତାଙ୍କର ଯଶ କର୍ତବ୍ୟବୋଧତା, ସୃଜନଶୀଳତା ହସ ହସ ମୁହଁ ଚିରଦିନ ପାଇଁ ଆମ ମନରେ ଲାଖି ରହିବ । ତାଙ୍କର ବିୟୋଗରେ ତାଙ୍କ ଅଂଚଳର ସାମାଜିକ ପ୍ରଗତିରେ ଯେଉଁ ଅପୂରଣୀୟ କ୍ଷତି ହେଲା ତାହା କେବେବି ପୂରଣ ହୋଇ ପାରିବ ନାହିଁ

ପାରାଦ୍ୱୀପଗଡ,କୁଜଙ୍ଗ
ଜଗତସିଂହପୁର
ମୋ.ନଂ -୯୯୩୭୬୯୧୪୭୫

## ଟ୍ରକ୍ ବୋଲେରୋ ମଧ୍ୟରେ ମୁହାଁମୁହିଁ ଧକ୍କା , ବୋଲେରୋ ଚାଳକ ଓ ଜଣେ ପୋଲିସ ହୋମଗାର୍ଡଙ୍କ ମୃତ୍ୟୁ

ବୌଦ୍ଧ, (ପି.ଏନ): ବୌଦ୍ଧ ଜିଲା କମଲପୁର ଗ୍ରାମ ନିକଟରେ ୫୭ ନମ୍ବର ଜାତୀୟ ରାଜପଥ ଉପରେ ଟ୍ରକ୍ ବୋଲେରୋ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି । ଏହି ମର୍ମନ୍ତୁଦ ଦୁର୍ଘଟଣାରେ ବୋଲେରୋ ଚାଳକ ଓ ଜଣେ ପୋଲିସ ହୋମଗାର୍ଡଙ୍କ ମୃତ୍ୟୁ ହୋଇଛି । ଜଣେ ପୋଲିସ ଅଧିକାରୀଙ୍କ ସମେତ ଅନ୍ୟ ଜଣେ ହୋମଗାର୍ଡ ଗୁରୁତର ଆହତ ହୋଇଛନ୍ତି । ଚିକିତ୍ସା ପାଇଁ ଦୁଇ ଗୁରୁତର ପୋଲିସଙ୍କୁ କଟକ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି । ମୃତକ ହେଲେ ହୋମଗାର୍ଡ ଜଗନ୍ନାଥ ମେହେର ଓ ବେସରକାରୀ ବୋଲେରୋ ଡ୍ରାଇଭର ପ୍ରଶାନ୍ତ ରଣା । ଗୁରୁତର ଆହତ ହେଲେ ପୋଲିସ ଏଏସଆଇ ନାଗାର୍ଜୁନ ପ୍ରଧାନ ଓ ହୋମଗାର୍ଡ ସୁଶାନ୍ତ ସାହୁ । ସୂଚନାରୁ ପ୍ରକାଶ ଯେ କଟକ ଜିଲା ଆଠଗଡ ଅଂଚଳରୁ ଏକ ଚୋରି ଗାଡି ଜବତ କରିବାକୁ ବାଉଁସୁଣି ଥାନାର ଏକ ଟିମ୍ ବେସରକାରୀ ବୋଲେରୋ ଗାଡ଼ି ଯାଇଥିଲେ । କାମ ସାରିବା ପରେ ବାଉଁସୁଣି ଥାନାର ଟିମ୍ ନିଜ ଥାନା କୁ ଫେରୁଥିବା ସମୟରେ ଜହ୍ନାପଙ୍କ ଫାଣ୍ଡି ଅନ୍ତର୍ଗତ କମଳପୁର ଛକ ନିକଟରେ ସୋନପୁର ଆଡୁ ଆସୁଥିବା ଏକ ଟ୍ରକ ସହିତ ମୁହାଁ ମୁହିଁ ଧକ୍କା ହୋଇଥିଲା । ମୁହାଁ ମୁହିଁ ଧକ୍କା ଏତେ ଭୟଙ୍କର ଥିଲାଯେ ଦୁର୍ଘଟଣା ପରେ ଉଭୟ ବୋଲେରୋ ଓ ଟ୍ରକ ଟି ଓଲଟି ପଡ଼ିଥିଲା । ଘଟଣା ସ୍ଥଳରେ ହିଁ ଜଣେ ପୋଲିସ୍ ହୋମଗାର୍ଡ ଏବଂ ବୋଲେରୋ ଡ୍ରାଇଭରଙ୍କ ମୃତ୍ୟୁ ହୋଇଯାଇଥିଲା । ଗୁରୁତର ଆହତଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ବୌଦ୍ଧ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା । ଗୁରୁତର ଆହତ ଦ୍ୱୟଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ମେଡିକାଲ କଲେଜ କୁ ସ୍ଥାନାନ୍ତ କରାଯାଇଛି ।

# ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

ଖୋର୍ଦ୍ଧା, (ପି.ଏନ): ବାଣପୁର ଥାନା ଅଂଚଳରେ ଜଣେ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି । ତେବେ ମହିଳାଙ୍କ ମୃତ୍ୟୁକୁ ନେଇ ହତ୍ୟା ଅଭିଯୋଗ ଆଣିଛନ୍ତି ବାପଘର ଲୋକେ। ମୃତକ ମହିଳା ଜଣଙ୍କ ହେଲେ ବେଲେଡିହ ଗ୍ରାମର ପ୍ରମୋଦ ବାରିକଙ୍କ ଝିଅ ପୁଷ୍ପାଞ୍ଜଳି ବାରିକ ।ସୂଚନା ମୁତାବକ, ବେଲେଡିହ ଗ୍ରାମର ପ୍ରମୋଦ ବାରିକଙ୍କ ଝିଅ ପୁଷ୍ପାଞ୍ଜଳି ବାରିକ (୨୨ ବର୍ଷ) ନରେନ୍ଦ୍ରପୁର ଗ୍ରାମର କନ୍ଧ ବାରିକଙ୍କ ପୁଅ ସମୀର ବାରିକଙ୍କୁ ବିବାହ କରିଥିଲେ। ତାଙ୍କର ଏକ ଛୋଟ ଶିଶୁ ପୁତ୍ର ଅଛି। ମଙ୍ଗଳବାର ରାତିରେ ପୁଷ୍ପାଞ୍ଜଳିଙ୍କୁ ଶ୍ୱଶୁର ଘର ଲୋକ ଗୁରୁତର ଅବସ୍ଥାରେ ବାଣପୁର ମେଡିକାଲରେ ଭର୍ତ୍ତି କରିଥିଲେ ।ଏପରିକି ବାପ ଘର ଲୋକଙ୍କୁ ଝିଅ ଦେହ ଖରାପ ଅଛି ବୋଲି ଖବର ଦେଇଥିଲେ। ମାତ୍ର ଚିକିତ୍ସାଧୀନ ଅବସ୍ଥାରେ ପୁଷ୍ପାଞ୍ଜଳିଙ୍କ ମୃତ୍ୟୁ ଘଟିଥିଲା। ଏନେଇ ମେଡିକାଲ ପକ୍ଷରୁ ବାଣପୁର ପୋଲିସକୁ ସୂଚନା ଦିଆଯାଇଥିଲା। ତେବେ ପୁଷ୍ପାଞ୍ଜଳିଙ୍କ ପରିବାରବର୍ଗ ସାଙ୍ଘାତିକ ଅଭିଯୋଗ ଆଣିଛନ୍ତି। ସେମାନଙ୍କ ଅଭିଯୋଗ ମୁତାବକ ପୁଷ୍ପାଞ୍ଜଳିଙ୍କୁ ସ୍ୱାମୀ ଓ ଶ୍ୱଶୁର ଘର ଲୋକମାନେ ମାନସିକ ଓ ଶାରୀରିକ ନିର୍ଯ୍ୟାତନା ଦେଇଆସୁଥିଲେ। ପୁଷ୍ପାଞ୍ଜଳିଙ୍କ ମୃତ୍ୟୁ ପଛରେ କୌଣସି ଏକ ରହସ୍ୟ ରହିଛି। ଅନୁରୂପ ଭାବେ ବାଣପୁର ପୋଲିସ ଶବ ଜବତ କରି ତଦନ୍ତ ଜାରି ରଖିଥିବା ଜଣାପଡ଼ିଛି।

## ଅଜଣା ଗାଡ଼ି ଧକ୍କାରେ ଫାର୍ମାସିଷ୍ଟ ମୃତ

ବଲାଙ୍ଗିର, (ପି.ଏନ): ବଲାଙ୍ଗିର-ସମ୍ବଲପୁର ରାଜରାସ୍ତାରେ ଗତକାଲି ଅପରାହ୍ନରେ ଏକ ସଡ଼କ ଦୁର୍ଘଟଣା ରେ ଜଣେ ଫାର୍ମାସିଷ୍ଟଙ୍କ ମୃତ୍ୟୁ ଘଟିଛି । ଡ୍ୟୁଟି ପାଇଁ ମେଡିକାଲ ଯାଉଥିବା ବେଳେ ଅଜଣା ଗାଡ଼ି ଧକ୍କାରେ ଫାର୍ମାସିଷ୍ଟଙ୍କ ମୃତ୍ୟୁ ହୋଇଛି । ଲୋଇସିଂହା ଥାନା ସୁଜିଆ ଗାଁର ଆନନ୍ଦ ଧରୁଆ ବେନ୍ଦ୍ରା ପିଏଚ୍‌ସିରେ ଫାର୍ମାସିଷ୍ଟ ଭାବେ କାର୍ଯ୍ୟରତ ଥିଲେ । ସବୁଦିନ ପରି ଗତକାଲି ଅପରାହ୍ନରେ ସେ ମେଡିକାଲକୁ ଡ୍ୟୁଟି କରିବା ପାଇଁ ବାଇକ୍ ରେ ଯାଉଥିଲେ ।ସୂଚନା ଅନୁସାରେ ବଲାଙ୍ଗିର-ସମ୍ବଲପୁର ୨୬ ନମ୍ବର ରାଜପଥର ବୁନ୍ଦେଲବାହାଲି ଠାରେ ଏହି ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ଘଟିଛି ।

# ରେନଲ୍ଟ ଭାରତରେ ୪୧୫ରୁ ଅଧିକ ସେଲ୍ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ନିଜର ନେଟ୍‌ୱର୍କ ଉପସ୍ଥିତି ବିସ୍ତାର କରିଛି

ନୂଆଦିଲ୍ଲୀ,(ପିଏନ): ରେନଲ୍ଟ ଇଣ୍ଡିଆ ପକ୍ଷରୁ ଗତ ଦୁଇ ମାସ ମଧ୍ୟରେ ଦେଶବ୍ୟାପୀ ଏହାର ନେଟ୍‌ୱର୍କରେ ୩୪ଟି ନୂତନ ସେଲ୍ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ସାମିଲ କରାଯାଇଥିବା ସମ୍ପର୍କରେ ଘୋଷଣା କରାଯାଇଛି । ଏହା ମୋଟ ୯୦ରୁ ଅଧିକ ସେଲ୍ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ଚିହ୍ନିତ କରୁଛି ଯାହାକୁ ରେନଲ୍ଟ ଗତ ଏକ ବର୍ଷରୁ କମ୍ ସମୟ ମଧ୍ୟରେ ଦେଶବ୍ୟାପୀ ଏହାର ନେଟ୍‌ୱର୍କରେ ସାମିଲ କରିଛି । ବର୍ତମାନର ବିକଶିତ ବଜାରଗୁଡିକରେ ବ୍ରାଣ୍ଡର ଅଭିବୃଦ୍ଧି ପାଇଁ ଏହି ବ୍ୟାପକ ନେଟ୍‌ୱର୍କ ସମ୍ପ୍ରସାରଣ ହେଉଛି ଏକ ରଣନୈତିକ ବ୍ୟବସାୟିକ ଧାନର ଅଂଶବିଶେଷ । ଏହି ନୂତନ ଡିଲରସିପ୍ ଫ୍ୟାସିଲିଟିଗୁଡିକ ମଧ୍ୟପ୍ରଦେଶ, ତାମିଲନାଡୁ, ଉତରପ୍ରଦେଶ, କର୍ଣ୍ଣାଟକ, ଗୁଜରାଟ, ହରିଆନା, ପଞ୍ଜାବ, ତେଲେଙ୍ଗାନା, ଉତରାଖଣ୍ଡ, ରାଜସ୍ଥାନ, ମହାରାଷ୍ଟ୍ର, ହିମାଚଳ ପ୍ରଦେଶ ଓ ପଶ୍ଚିମ ବଙ୍ଗରେ ଅବସ୍ଥିତ । ଏହି ସମ୍ପ୍ରସାରଣ ସହିତ ରେନଲ୍ଟ ଇଣ୍ଡିଆ ଏହାର ନେଟ୍‌ୱର୍କ ଉପସ୍ଥିତିକୁ ୪୧୫ରୁ ଅଧିକ ସେଲ୍ସ ଓ ୪୭୫ରୁ ଅଧିକ ସର୍ଭିସ୍ ଟଚ୍‌ପଏଂଟ୍‌କୁ ବୃଦ୍ଧି କରିଛି, ଯେଉଁଥିରେ ଉଲ୍ଲେଖନୀୟ ବିକ୍ରି ଓ ସେବା ଗୁଣମାନ ସହିତ ଦେଶର ବିଭିନ୍ନ ସ୍ଥାନରେ ୨୦୦ରୁ ଅଧିକ ୱର୍କସପ୍ ଅନ୍ ହ୍ୱିଲ୍ସ ସାମିଲ ରହିଛି । ଏସମ୍ପର୍କରେ ରେନଲ୍ଟ ଇଣ୍ଡିଆର ସେଲସ୍ ଆଣ୍ଡ ନେଟ୍‌ୱର୍କ ବିଭାଗର ସୁଧୀର ମଲହୋତ୍ରା କହିଛନ୍ତି ରେନଲ୍ଟ ଇଣ୍ଡିଆର ନେଟ୍‌ୱର୍କ ଉପସ୍ଥିତି ରଣନୈତିକ ଭାବେ ସମ୍ପ୍ରସାରିତ ହେଉଛି ଯାହାକି ହେଉଛି ଆମେ ଉଭୟ ଗ୍ରାହକ ଓ ଡିଲର ପାର୍ଟନରଙ୍କଠାରୁ ଗ୍ରହଣ କରୁଥିବା ଉତ୍ସାହଜନକ ପ୍ରତିକ୍ରିୟାର ସାକ୍ଷ୍ୟ ଅଟେ। ବର୍ତମାନ ସମରେ ଆମେ ନୂଆ ଡିଲରଙ୍କୁ ଆକର୍ଷିତ କରିବା ସହିତ ବିଦ୍ୟମାନ ପୁରୁଣା ପାର୍ଟନରଙ୍କଠାରୁ ଅଧିକ ନିବେଶ ଓ ସମ୍ପ୍ରସାରଣ ଅନୁରୋଧ ମଧ୍ୟ ହାସଲ କରୁଛୁ । ଏକ ବର୍ଦ୍ଧିତ ନେଟ୍‌ୱର୍କ ଉପସ୍ଥିତି ଆମ ପାଇଁ ଏହାକୁ ସମ୍ଭବ କରିଛି ଯାହାଫଳରେ ଆମେ ଦେଶବ୍ୟାପୀ ଅଧିକ ଗ୍ରାହକଙ୍କ ଆବଶ୍ୟକତାକୁ ପୂରଣ କରିପାରୁଛୁ ଏବଂ ଆମର ନିରନ୍ତର ବିକ୍ରି ସଂଖ୍ୟାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରୁଛୁ । ରେନଲ୍ଟ ଇଣ୍ଡିଆ ବିଭିନ୍ନ ଶୃଙ୍ଖଳାରେ ଆକର୍ଷଣୀୟ ଅଫର୍ ଘୋଷଣା କରିବା ସହିତ ସରକାରୀ ପବ୍ଲିକ୍ ସେକ୍ଟର କର୍ମଚାରୀ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କର୍ମଚାରୀଙ୍କ ସମେତ ଡାକ୍ତର ଓ ଶିକ୍ଷକମାନଙ୍କ ପାଇଁ ସ୍ୱତନ୍ତ୍ର ଅଫରମାନ ଘୋଷଣା କରିଛି । ଏହି ଅଫରଗୁଡିକ ମଧ୍ୟରେ ୨୨,୦୦୦ ଟଙ୍କାର ଅତିରିକ୍ତ ସ୍ୱତନ୍ତ୍ର ଅଫର୍ ସାମିଲ ରହିଛି ଯାହାକୁ ପୂର୍ବରୁ ଡଷ୍ଟର ଉପରେ ୭୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ, କ୍ୱିଡ୍ ଉପରେ ୪୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ଓ ଟ୍ରାଇବର ଉପରେ ୩୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ସହିତ ଆରମ୍ଭ କରାଯାଇଥିବା ଆକର୍ଷଣୀୟ ପାର୍ବଣ ଅଫର୍ ସହିତ ସାମିଲ କରାଯାଇଛି । ରେନଲ୍ଟ ଇଣ୍ଡିଆ ଡିଫେନ୍ସ (ସିଏସ୍‌ଡି) ଓ ପୋଲିସ୍ (ସିପିସି) ସର୍ଭିସ୍‌ମେନ୍‌ଙ୍କ ପାଇଁ ଦେଶବ୍ୟାପୀ ଉପଲବ୍ଧ କ୍ୟାନ୍‌ଟିନ୍ ଷ୍ଟୋରଗୁଡିକ ମାଧ୍ୟମରେ ଏକ ବ୍ୟାପକ ଶୃଙ୍ଖଳାର ଉତ୍ପାଦ ପ୍ରଦାନ କରୁଛି । ରେନଲ୍ଟ ପକ୍ଷରୁ କ୍ରୟକୁ ଅଧିକ ସହଜ କରିବା ପାଇଁ ଆକର୍ଷଣୀୟ ଋଣ ଅଫର୍ ମଧ୍ୟ ଘୋଷଣା କରାଯାଇଛି । ଏଥିରେ କ୍ୱିଡ୍ ଓ ଟ୍ରାଇବର୍ ଉପରେ ୩.୯୯%ର ଏକ ସ୍ୱତନ୍ତ୍ର ସୁଧ ହାର ସାମିଲ ରହିଛି । ନୂତନ ଭାବେ ଲଂଚ୍ ହୋଇଥିବା ଡଷ୍ଟର ୧.୩ ଲିଟର ଟର୍ବୋ ଉପରେ ରେନଲ୍ଟ ୨୦,୦୦୦ ଟଙ୍କାର ଲୟାଲ୍‌ଟି ଲାଭ ଓ ୩ ବର୍ଷ କିମ୍ବା ୫୦,୦୦୦ କିମିର ଏକ ସହଜ କେୟାର ପ୍ୟାକେଜ୍ ଘୋଷଣା କରିଛି । ଉତ୍ପାଦ କ୍ଷେତ୍ରରେ ରେନଲ୍ଟ ଇଣ୍ଡିଆ ନିକଟରେ ୨୦୨୦ କ୍ୱିଡ୍ ନିଓଟେକ୍ ଏଡିସନ୍ ଶୁଭାରମ୍ଭ କରିଛି । ଏହି ଲିମିଟେଡ୍ ଏଡିସନରେ ଫାର୍ଷ୍ଟ-ଇନ୍- ସେଗମେଂଟ୍ ଷ୍ଟାଇଲିସ୍ ଓ ଫ୍ରେସ୍ ଡୁଆଲ ଟୋନ୍ ଏକ୍ସଟେରିୟର ଫିଚର ରହିଛି । ଉପଭୋକ୍ତାମାନେ ଦୁଇଟି କଲର୍ କମ୍ବିନେଶନ- ଜାନ୍‌ସ୍କାର ବ୍ଲୁ ବଡି ସହିତ ସିଲ୍‌ଭର ରୁଫ୍ ଏବଂ ସିଲ୍‌ଭର ବଡି ସହିତ ଜାନ୍‌ସ୍କାର ବ୍ଲୁ ରୁଫ୍ ମଧ୍ୟରୁ ଚୟନ କରିପାରିବେ । ୩୦,୦୦୦ ଟଙ୍କାର ଏକ ଇନ୍‌କ୍ରିମେଂଟାଲ ବୃଦ୍ଧି ସହିତ କ୍ୱିଡ୍ ନିଓଟେକ୍ ଏକ ଉନ୍ନତ ଭାଲ୍ୟୁ ପ୍ୟାକେଜ୍ ପ୍ରଦାନ କରୁଛି ଏବଂ ଏକାଧିକ ଉନ୍ନତ ଫିଚର ସହିତ ଗ୍ରାହକଙ୍କ ଲାଭକୁ ସର୍ବାଧିକ କରୁଛି ।

# କମ୍ପାକ୍ଟ ଏସ୍‌ୟୁଭି ମାରୁତି ସୁଜୁକି ଭିଟାରା ବ୍ରିଜାର ୫.୫ ଲକ୍ଷ ବିକ୍ରି ସହ ଅଗ୍ରଣୀ ସ୍ଥାନ ଅଧିକାର

ଭୁବନେଶ୍ୱର: ଭାରତର ଏକ ନମ୍ବର ଏସୟୁଭି ମାରୁତି ସୁଜୁକି ଭିଟାରା ବ୍ରିଜା ମାତ୍ର ୪.୫ ବର୍ଷର କମ୍ ସମୟ ଭିତରେ ୫.୫ ଲକ୍ଷ ବିକ୍ରି ଉତ୍ସବ ପାଳନ କରିଛି । ବର୍ତମାନ ସୁଦ୍ଧା ଯେକୌଣସି କମ୍ପାକ୍ଟ ଏସ୍‌ୟୁଭି ପାଇଁ ଏହି ସଫଳତା ଦ୍ରୁତତମ । ୨୦୧୬ ଆଦ୍ୟ ଭାଗରେ ଉନ୍ମୋଚିତ ହୋଇଥିବା ଭିଟରା ବ୍ରିଜା କମ୍ପାକ୍ଟ ଏସ୍‌ୟୁଭି କ୍ଷେତ୍ରରେ ଏହାର ଗ୍ଲାମରସ୍ ଲୁକ୍ ସହିତ ବିପ୍ଳବ ଆଣିଥିଲା ଯାହା ପୂର୍ବରୁ ଏହି କ୍ଷେତ୍ରରେ ଦେଖିବାକୁ ମିଳୁନଥିଲା । ଲୁକ୍, ପ୍ରଦର୍ଶନ ଏବଂ ଚଲାଇବାରେ ସହଜତା ଦୃଷ୍ଟିରୁ ଏକ ସମ୍ପୂର୍ଣ୍ଣ ପ୍ୟାକେଜ୍ ଭାବେ ଏହା ଗ୍ରାହକ ଏବଂ କ୍ରିଟିକ୍ (ସମାଲୋଚକ) ପ୍ରଶଂସା ତୁରନ୍ତ ପାଇଥିଲା । ଉତ୍ପତି ସମୟରୁ ବ୍ରାଣ୍ଡ୍ ଭିଟାରା ବ୍ରିଜାକୁ କମ୍ପାକ୍ଟ ଏସ୍‌ୟୁଭି ଗ୍ରାହକମାନଙ୍କ ସ୍ୱତନ୍ତ୍ର ଜୀବନଶୈଳୀକୁ ବିଚାରକୁ ନେଇ ସେମାନଙ୍କ ଉଦୀୟମାନ ଆବଶ୍ୟକତା ଅନୁସାରେ ଡିଜାଇନ୍ କରାଯାଇଥିଲା । ଗ୍ରାହକମାନଙ୍କ ଆବଶ୍ୟକତାରେ ହେଉଥିବା ଦ୍ରୁତ ପରିବର୍ତନ ପ୍ରତି ପ୍ରତିକ୍ରିୟା ପ୍ରଦାନ କରି ସମ୍ପୂର୍ଣ୍ଣ ନୂଆ ଭିଟାରା ବ୍ରିଜାକୁ ୨୦୨୦ ଅଟୋ ଏକ୍ସପୋରେ ସତେଜ ଭାବେ ଉପସ୍ଥାପନ କରାଯାଇଥିଲା । ଏବେ ଏଥିରେ ସୁଦୃଢ଼ ଏବଂ ଶକ୍ତିଶାଳୀ ୪ ସିଲିଣ୍ଡର ୧.୫ ଲିଟର କେ-ସିରିଜ୍ ବିଏସ୍୬ ପେଟ୍ରୋଲ୍ ଇଞ୍ଜିନ ରହିଛି, ସବୁଠୁ ଅଧିକ ପୁରସ୍କାର ପାଇଥିବା ଏହି କମ୍ପାକ୍ଟ ଏସ୍‌ୟୁଭି ଅତୁଳନୀୟ ଗାଡ଼ି ଚାଳନା ଅନୁଭୂତି ପ୍ରଦାନକରିବା ପାଇଁ ଶକ୍ତି, ସ୍ପୋର୍ଟିନେସ୍ ଓ ସହଜତାର ଏକ ସମ୍ପୂର୍ଣ୍ଣ ସମିଶ୍ରଣ ପ୍ରଦାନ କରୁଛି । ଭିଟାରା ବ୍ରିଜାର ଏକ ନିର୍ଦ୍ଦିଷ୍ଟ ଲାଭ ହେଉଛି ଏହାର ହୁଡ୍ ତଳେ ଏକ ବଡ଼, ପ୍ରତିକ୍ରିୟାଶୀଳ ଓ ପେପି ୧.୫ ଲିଟର ପେଟ୍ରୋଲ୍ ଇଞ୍ଜିନ ରହିଛି । ଗ୍ରାହକମାନେ ଚାହିଦା ସମୟରେ ଆକର୍ଷଣୀୟ ମାର୍ଜିତ ଏବଂ ଅତୁଳନୀୟ ଶକ୍ତି ପାଇପାରିବେ । ଏହି ସଫଳତା ସମ୍ପର୍କରେ ଶ୍ରୀଯୁକ୍ତ ଶଶାଙ୍କ ଶ୍ରୀବାସ୍ତବ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ମାର୍କେଟିଂ ଓ ସେଲସ୍), ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍ କହିଛନ୍ତି ଯେ, "ଏହା ଉନ୍ମୋଚନ ହେବା ପରଠାରୁ କମ୍ପାକ୍ଟ ଏସ୍‌ୟୁଭି ବର୍ଗରେ ଏହାର ଦବଦବା ରହିଛି । ଏକ ଧାରା ସୃଷ୍ଟିକାରୀ ଭାବେ ଏହାର ଦୃଢ଼ ଡିଜାଇନ୍ ଭାଷା, ଶକ୍ତିଶାଳୀ ପ୍ରଦର୍ଶନ ଏବଂ ସ୍ପୋର୍ଟି ଚରିତ୍ର ପାଇଁ ଏହା ଏସୟୁଭି ଗ୍ରାହକଙ୍କ ଅଭିଳାଷ ସହ ଯୋଡ଼ିହୋଇଯାଇଛି । ଏହା ଶୀଘ୍ର ସବୁଠୁ ଅଧିକ ପୁରସ୍କାରପ୍ରାପ୍ତ କମ୍ପାକ୍ଟ ଏସ୍‌ୟୁଭିରେ ପରିଣତ ହେବା ସହ ବିକ୍ରି ସାରଣୀରେ ଦବଦବା ବଜାୟ ରଖିଥିଲା । ଶକ୍ତିଶାଳୀ ୧.୫ ଲିଟର ପେଟ୍ରୋଲ୍ ଇଞ୍ଜିନ ଉପସ୍ଥାପନ କରାଯିବା ସହ ଅନେକ ସଂଖ୍ୟକ ଡିଜାଇନ୍ ଅପଡେଟ୍‌କୁ ନେଇ ଭିଟାରା ବ୍ରିଜା ଗ୍ରାହକମାନଙ୍କୁ ଆହୁରି ଉଲ୍ଲସିତ କରିଛି ଏବଂ ଏହି କ୍ଷେତ୍ରରେ ନିଜର ସ୍ଥିତିକୁ ଆହୁରି ସୁଦୃଢ଼ କରିପାରିଛି । ୫.୫ ଲକ୍ଷ ବିକ୍ରି ମାଇଲଖୁଂଟ ସହ ଭିଟାରା ବ୍ରିଜା ହେଉଛି ନିରନ୍ତର ଭାବେ ନବସୃଜନ ପାଇଁ ଆମ ଉଦ୍ୟମର ଶ୍ରେଷ୍ଠ ସ୍ୱୀକୃତି ଏବଂ ପ୍ରଚଳିତ ଗ୍ରାହକ ପସନ୍ଦ ଏବଂ ବଜାର ଧାରା ଅନୁସାରେ ଏହା ମାରୁତି ସୁଜୁକିର ଉତ୍ପାଦ ପୋର୍ଟଫୋଲିଓକୁ ଆହୁରି ସୁଦୃଢ଼ କରିପାରିଛି ।''

# ଆପାହାତୁ ରେଳ ସାଇଡିଂର ଗ୍ରାମବାସୀଙ୍କ ଲୋଡିଂ ଅର୍ଥକୁ ଆତ୍ମସାତ ଉଦ୍ୟମ ଅଭିଯୋଗ

ଯୋଡା, (ପିଏନ): କେନ୍ଦୁଝର ଜିଲ୍ଲା ଯୋଡା ଖଣି ମଣ୍ଡଳର ଜୁରୁଡି ସ୍ଥିତ ଏସେଲ୍ ମାଇନିଂ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ କମ୍ପାନୀର ଆପାହାତୁ ସ୍ଥିତ ରେଳ ସାଇଡିଂରେ ଗ୍ରାମବାସୀଙ୍କ ଲୋଡିଂ ଅର୍ଥକୁ ସ୍ଥାନୀୟ ଜଲହରି ସରପଞ୍ଚ ବାଟ ମାରଣା କରିଥିବା ଅଭିଯୋଗ ହୋଇଛି । ଜଲହରି ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଜଣାପଡିଛି ଯେ, ଏସେଲ୍ ଖଣି କମ୍ପାନୀର ନିଜସ୍ୱ ଆପାହାତୁ ରେଳ ସାଇଡିଂରେ ର୍ୟାକ୍ ଲୋଡିଂ ଆରମ୍ଭ ହେବା ବେଳେ ସ୍ଥାନୀୟ ଜଲହରି ଗ୍ରାମ ପଞ୍ଚାୟତ ବାସୀ ନିଯୁକ୍ତି, ଲୋଡିଂ ଓ ପରିବହନ କାର୍ଯ୍ୟ ଦାବିକରି ଆନ୍ଦୋଳନ କରିଥିଲେ । କମ୍ପାନୀ କର୍ତୃପକ୍ଷ ସ୍ଥାନୀୟ ସରପଞ୍ଚ , ସମିତି ସଭ୍ୟ ଓ ସ୍ଥାନୀୟ କିଛି ନେତୃଶ୍ରେଣୀୟ ବ୍ୟକ୍ତି ବିଶେଷଙ୍କ ସହିତ ଆଲୋଚନା କରି ରେଳ ସାଇଡିଂରେ ର୍ୟାକରେ ପରିବହନ ହେଉଥିବା ଖଣିଜର ପ୍ରତି ମେଟ୍ରିକ ଟନ୍ ହିସାବରେ ସ୍ଥାନୀୟ ଲୋକଙ୍କୁ ଦିଆଯିବାର ଚୁକ୍ତି ହୋଇଥିଲା । ଏହି ଚୁକ୍ତି ଅନୁଯାୟୀ ପ୍ରତି ର୍ୟାକ୍‌ରେ ପରିବହନ ହେଉଥିବା ଖଣିଜର ୮ ଟଙ୍କା ପ୍ରତି ମେଟ୍ରିକ ଟନ୍ ହିସାବରେ କମ୍ପାନୀ ସରପଞ୍ଚ ଙ୍କ ମାଧ୍ୟମରେ ଦେବାର ଚୁକ୍ତି କରିଥିଲା । ଗତ ପ୍ରାୟ କିଛି ମାସ ପୂର୍ବେ ସ୍ଥାନୀୟ ସରପଞ୍ଚ ମିତା ମୁଣ୍ଡା କମ୍ପାନୀ ଠାରୁ ପ୍ରାୟ ୪୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଉଠାଇ ନେଇ ସ୍ଥାନୀୟ କିଛି ଗ୍ରାମବାସୀଙ୍କୁ ମାତ୍ର ୧ ହଜାର ଟଙ୍କା ଲେଖାଏଁ ଦେଇ ଏକ ନିର୍ଦ୍ଦିଷ୍ଟ ଦଳର ସମର୍ଥକଙ୍କୁ ୮ ହଜାର ଟଙ୍କା ଲେଖାଏଁ ବନ୍‌ଟନ କରିଥିବାରୁ ଏହାକୁ କେନ୍ଦ୍ରକରି ସ୍ଥାନୀୟ ଅଂଚଳରେ ଉତେଜନା ପ୍ରକାଶ ପାଇ ଟଙ୍କା ପାଇନଥିବା ଗ୍ରାମବାସୀ ମାନେ ସରପଞ୍ଚ ଙ୍କୁ ପନ୍‌ଚାୟତ କାର୍ଯ୍ୟାଳୟରେ ଘେରି ମିଳିଥିବା ଟଙ୍କାର ହିସାବ କିତାବ ମାଗିଥିଲେ । ମାତ୍ର ସରପଞ୍ଚ ସେମାନଙ୍କୁ କୌଣସି ହିସାବ କିତାବ ନଦେଇ ଗ୍ରାମବାସୀଙ୍କ ସ୍ୱରକୁ ଚପାଇ ଦେଇଥିଲେ । ଉକ୍ତ ଘଟଣା ପରେ ରେଳ ସାଇଡିଂରେ ପ୍ରାୟ ୬ ମାସ ହେବ ରେଳ ର୍ୟାକ୍ ପରିବହନ ହୋଇଛି । ଏହି ପରିବହନ ହୋଇଥିବା ର୍ୟାକ ର ଲୋଡିଂ ଅର୍ଥକୁ ସ୍ଥାନୀୟ ସରପଞ୍ଚ କମ୍ପାନୀ ଠାରୁ ନେଇ ନିଜ ପାଖରେ ରଖି ଦୁର୍ଗାପୂଜାରେ ଲୋକଙ୍କୁ ବାଣ୍ଟିନଥିବା ସ୍ଥାନୀୟ ଆଇଟିସି ଗ୍ରାମର ଲାଦୁ ମୁଣ୍ଡା, ଅଭିଯୋଗ କରିଛନ୍ତି । ଜୁରୁଡି ଅଂଚଳର ବିଶିଷ୍ଟ ଶ୍ରମିକ ନେତା ତଥା ସଂଗଠକ ମହେନ୍ଦ୍ର କୁମାର ମହାନ୍ତି, ଓ ତାଙ୍କର ସମର୍ଥକ ମହେଶ୍ୱର ପାତ୍ର, ପ୍ରଭୁରଂଜନ ଶତପଥୀ ପ୍ରମୁଖ ଅଭିଯୋଗ କରିଛନ୍ତି ଯେ, ଆପାହାତୁ ରେଳ ଲୋଡିଂ ଅର୍ଥକୁ ପ୍ରଭାବିତ ସ୍ଥାନୀୟ ଗ୍ରାମବାସୀଙ୍କୁ ଦେବା ପରିବର୍ତେ ଏହାକୁ ଆତ୍ମସାତ କରିବା ଉଦ୍ଦେଶ୍ୟରେ କାହାକୁ ଜଣାଇ ନାହାନ୍ତି । ଏ ସମ୍ପର୍କରେ ଶ୍ରମିକ ନେତା ଜଲହର ସରପଞ୍ଚ ମିତା ମୁଣ୍ଡାଙ୍କୁ ପଚାରିବାରୁ ସରପଞ୍ଚ କମ୍ପାନୀ ଠାରୁ ଉଠାଇଥିବା ଟଙ୍କା ସମ୍ପର୍କରେ ତଥ୍ୟ ନଦେଇ ଲୁଚାଉଥିବା ଅଭିଯୋଗ କରିଛନ୍ତି । ଆପାହାତୁ ରେଳ ସାଇଡିଂ ରେ ରେଳ ଲୋଡିଂ ଆରମ୍ଭ ହେବାଠାରୁ ଆଜି ପର୍ଯ୍ୟନ୍ତ ହୋଇଥିବା କାର୍ଯ୍ୟର ହିସାବ କିତାବ ରଖିବାକୁ ଅନୁରୋଧ କରିଥିଲେ ହେଁ ସରପଞ୍ଚ ଏହାକୁ ଅଣଦେଖା କରୁଥିବା କହିଛନ୍ତି । ସ୍ଥାନୀୟ ସରପଞ୍ଚ ମିତା ମୁଣ୍ଡା, ପୂର୍ବତନ ସରପଞ୍ଚ ରାଧାକାନ୍ତ ନାଏକ ଓ ଏକ ନିର୍ଦ୍ଦିଷ୍ଟ ଦଳର କିଛି ସମର୍ଥକଙ୍କ ସହ ମିଶି ଏହି ଅର୍ଥ ହରିଲୁଟ୍ ଉଦ୍ୟମ କରାଯାଉଥିବା ସେ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ଜଲହରି ସରପଞ୍ଚ ମିତା ମୁଣ୍ଡା କୌଣସି ଉତର ଦେଇନଥିଲେ ହେଲେ ପୂର୍ବତନ ଜଲହରି ସରପଞ୍ଚ ଇଂ ରାଧାକାନ୍ତ ନାଏକ ପ୍ରତିକ୍ରିୟା ଦେଇ କହିଥିଲେ ଯେ, ଏ ବାବଦରେ ସେ ଅନଭିଜ୍ଞ ତାଙ୍କ ନାମରେ ମିଥ୍ୟା ଅପପ୍ରଚାର କରାଯାଉଛି ।

# କେନ୍ଦୁଝର ଜିଲ୍ଲାରୁ ପୁଣି ୬୩ ଜଣ ନୂତନ କରୋନା ଚିହ୍ନଟ : ଜିଲ୍ଲାର ଆକ୍ରାନ୍ତଙ୍କ ସଂଖ୍ୟା ୫୮୫୫ ହେଲା

କେନ୍ଦୁଝର, (ପିଏନ): କେନ୍ଦୁଝର ଜିଲ୍ଲାରୁ ଶୁକ୍ରବାର ଦିନ ୬୩ ଜଣ ନୂତନ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ସୂଚନା ମିଳିଛି । ଶୁକ୍ରବାର ସକାଳ ୯ଟା ସୁଦ୍ଧା ଜିଲ୍ଲାର ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୫୮୫୫ ରେ ପହଞ୍ଚିଛି । ଏଥିମଧ୍ୟରୁ ୫୩୭୪ ଜଣ ଆରୋଗ୍ୟ ଲାଭ କରି ଘରକୁ ଫେରି ସାରିଛନ୍ତି । ଇତିମଧ୍ୟରେ ଜିଲ୍ଲାରୁ ୧୩ ଜଣ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ହୋଇ ସାରିଥିବାବେଳେ ଏବେ ମଧ୍ୟ ୪୬୮ ଆକ୍ଟିଭ କେଶ ରହିଥିବା ଜଣାପଡିଛି । ଶୁକ୍ରବାର ଚିହ୍ନଟ ୬୩ ଜଣ ସ୍ଥାନୀୟ ସଂକ୍ରମିତଙ୍କ ମଧ୍ୟରେ ଆନନ୍ଦପୁର ବ୍ଲକ କଣ୍ଟିପାଳରୁ ୨ଜଣ,ଆନନ୍ଦପୁର ପୌରପାଳିକା ୪ନଂ ୱାର୍ଡରୁ ଜଣେ ଓ ୧୦ନଂ ୱାର୍ଡରୁ ଜଣେ,ଚମ୍ପୁଆ ବ୍ଲକ ଭୁଇଁପୁରରୁ ୪ଜଣ ଓ ଭଣ୍ଡାରୁ ଜଣେ, ଘସିପୁରା ବ୍ଲକ ବରିପାଳରୁ ଜଣେ, ବାତୋରୁ ୨ଜଣ,ଗଁପୁରରୁ ଜଣେ, ଗୋହିରାରୁ ଜଣେ,ଖାଳିଆମେଣ୍ଟାରୁ ଜଣେ ଓ ମଦନପୁରରୁ ଜଣେ,ଘଟଗାଁ ବ୍ଲକ ବିନିଦାରୁ ଜଣେ, ମୁକ୍ତାପୁରରୁ ଜଣେ, ଢ଼େଙ୍କିକୋଟରୁ ୨ଜଣ, ବଡଜାମୁପଶିରୁ ୨ଜଣ ଓ ତରାରୁ ୪ଜଣ, ହାଟଡିହି ବ୍ଲକ ଢ଼େଙ୍କାରୁ ୩ଜଣ, ଝୁମ୍ପୁରା ବ୍ଲକ ଝୁମ୍ପୁରାରୁ ଜଣେ, ଯୋଡା ବ୍ଲକ ବଲାଣିରୁ ୨ଜଣ ଓ ବିରିକଳାରୁ ଜଣେ,ଯୋଡା ପୌରପାଳିକା ୨ନଂ ୱାର୍ଡରୁ ଜଣେ, ୩ନଂ ୱାର୍ଡରୁ ଜଣେ,୫ନଂ ୱାର୍ଡରୁ ଜଣେ, ୬ନଂ ୱାର୍ଡରୁ ଜଣେ ଓ ୮ନଂ ୱାର୍ଡରୁ ୩ଜଣ, କେନ୍ଦୁଝରଗଡ ପୌରପାଳିକା ୨ନଂ ୱାର୍ଡରୁ ଜଣେ,୫ନଂ ୱାର୍ଡରୁ ୨ଜଣ,୬ନଂ ୱାର୍ଡରୁ ଜଣେ,୮ନଂ ୱାର୍ଡରୁ ଜଣେ,୧୨ନଂ ୱାର୍ଡରୁ ଜଣେ,୧୩ନଂ ୱାର୍ଡରୁ ୨ଜଣ,୧୭ନଂ ୱାର୍ଡରୁ ଜଣେ,୨୦ନଂ ୱାର୍ଡରୁ ଜଣେ ଓ ୨୧ନଂ ୱାର୍ଡରୁ ଜଣେ,ପାଟଣା ବ୍ଲକ ବାଉଁଶୂଳୀରୁ ଜଣେ, କେନ୍ଦୁଝର ସଦର ବ୍ଲକ ଶିରିଶପାଳରୁ ଜଣେ, ନରଣପୁରରୁ ଜଣେ, ରାଇସୁଆଁରୁ ଜଣେ ଓ ପଳାଶପଙ୍ଗାରୁ ଜଣେ, ସାହାରପଡା ବ୍ଲକ ଖାଡିଆବେଡାରୁ ୨ଜଣ, ତେଲକୋଇ ବ୍ଲକ କରଦାଙ୍ଗିରୁ ଜଣେ, ସଲେଇକେନାରୁ ୩ଜଣ ଓ ଜଗମୋହନପୁରରୁ ଜଣେ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ପ୍ରଶାସନ ସୂଚନା ଦେଇଛି ।

# କ୍ୟାନନ ଇଣ୍ଡିଆ ଗ୍ରାହକଙ୍କ ପାଇଁ ଆକର୍ଷଣୀୟ ନୂଆ ଅଫର ସହିତ ଉତ୍ସବରେ ଉଲ୍ଲାସ ଭରିଛି

ଭୁବନେଶ୍ୱର: ଚଳିତ ବର୍ଷ ଉତ୍ସବକୁ ପାଳନ କରିବା ଲାଗି ପ୍ରସ୍ତୁତ ହେବା ଏବଂ ଗ୍ରାହକମାନଙ୍କୁ ଉଲ୍ଲସିତ କରିବା ଲାଗି ପ୍ରତିବଦ୍ଧ କ୍ୟାନନ ଇଣ୍ଡିଆ ପକ୍ଷରୁ ଏହି ଉତ୍ସବ ଋତୁରେ ଖୁସିକୁ ଦ୍ୱିଗୁଣିତ କରିବା ଲାଗି ଅନେକ ଗ୍ରାହକ କୈନ୍ଦ୍ରୀକ ଅଫର ଓ ସୁବିଧା ଘୋଷଣା କରାଯାଇଛି । ଏହି ଉତ୍ସବ ଋତୁରେ ଫଟୋଗ୍ରାଫି ସଂସ୍କୃତିର ପ୍ରସାର କରିବା ଏବଂ ଫଟୋଗ୍ରାଫି ପ୍ରେମୀଙ୍କ ମଧ୍ୟରେ ଉତ୍ସାହକୁ ଜାଗ୍ରତ କରିବା ଲାଗି କ୍ୟାନନ ଇଣ୍ଡିଆ ପକ୍ଷରୁ ଏହାର ଇମେଜିଂ ଉତ୍ପାଦ ଉପରେ ଆକର୍ଷଣୀୟ ଅଫର ଘୋଷଣା କରାଯାଇଛି । ରଢ଼ଝ ଗ୨୦୦,କିଣା ଉପରେ ଗ୍ରାହକମାନେ ୭୯୯୯/ୟୁ ମୂଲ୍ୟର ବ୍ଲାପଙ୍କଟ ଇୟରବଡ ବିନା ମୂଲ୍ୟରେ ପାଇବେ ଏବଂ ଏହି ରିଡିଫଂସନ ଭିତିକ ଅଫର ୨୦୨୦ ଅକ୍ଟୋବର ପର୍ଯ୍ୟନ୍ତ ବୈଧ ରହିବ । ପୁନଶ୍ଚ, ଗ୍ରାହକମାନେ ବର୍ଦ୍ଧିତ ୩ ବର୍ଷର ୱାରେଂଟି ଉପଭୋଗ କରିବେ ଯାହା କ୍ୟାନନର ସମସ୍ତ ଫୁଲ ଫ୍ରେମ କ୍ୟାମେରାରେ ଉପଲବ୍ଧ ହୋଇଛି । ଏହି ଦୁର୍ଗାପୂଜା ଓ ନବରାତ୍ରୀ ପାଳନକୁ ଅଧିକ ଉଲ୍ଲାସର ସହ ପାଳନ କରି ବ୍ରାଣ୍ଡ ପକ୍ଷରୁ କ୍ୟାନନ ସହିତ ଗ୍ରାହକଙ୍କ ସପିଂ ଅନୁଭୂତି ବଢ଼ାଇବା ଲାଗି ସେମାନଙ୍କୁ ଆକର୍ଷଣୀୟ ଇଏମଆଇ ଓ କ୍ୟାସବ୍ୟାକ ଅଫର ପ୍ରଦାନ କରାଯାଉଛି । ଏହି ଆକର୍ଷଣୀୟ ଅଫରକୁ ଉନ୍ମୋଚନ କରି ଶ୍ରୀଯୁକ୍ତ କାଜୁଟାଡା କୋବାୟାସି, ସଭାପତି ଓ ସିଇଓ, କ୍ୟାନନ ଇଣ୍ଡିଆ କହିଛନ୍ତି ଯେ, ଝକ୍ତଙ୍କକ୍ଷ୍ପ;କୋଭିଡ-୧୯ ପାଇଁ ଚଳିତ ବର୍ଷ ସାରା ବିଶ୍ୱର ବ୍ୟକ୍ତିବିଶେଷ ଓ ସଂସ୍ଥାଗୁଡ଼ିକ ଅଭାବନୀୟ ସ୍ଥିତି ସାମ୍ନା କରିଛନ୍ତି, ମାତ୍ର ଦୃଢ଼ ଭାବେ ଉଭା ହେବା ପାଇଁ ଆମେ ସମସ୍ତେ ସହନଶୀଳତା ଓ ଇଚ୍ଛାଶକ୍ତି ପ୍ରଦର୍ଶନ କରିଛୁ ।ଉତ୍ସବ ଋତୁ ପାଖେଇ ଆସିଥିବା ବେଳେ ଚର୍ତୁପାର୍ଶ୍ୱରେ ଖୁସି ବାଂଟିବା ପାଇଁ ଓ ମାନବିକତା ଓ ଏକତ୍ୱର ଭାବ ପାଳନ କରିବା ଲାଗି ଏହା ସମସ୍ତ ପାଇଁ ଏକ ଅବସର । ଯଦିଓ ଚଳିତ ବର୍ଷର ଉତ୍ସବ ପାଳନ କ୍ଷୁଦ୍ର ଆକାରରେ ହେବ, ମାତ୍ର ଆମକୁ ଉପସ୍ଥାପନ କରାଯାଉଥିବା ମୁହୂର୍ତଗୁଡ଼ିକୁ ପାଳନ କରିବା ଅଧିକ ଗୁରୁତ୍ୱପୂର୍ଣ୍ଣ । ଏହି ଉତ୍ସବ ଋତୁରେ ଆମର ଅଫର ଏବଂ ଅଧିକ ସୁବିଧା ଜରିଆରେ ଆମେ ଗ୍ରାହକଙ୍କ ମନରେ ଖୁସି ଆଣିବା ଏବଂ ସେମାନଙ୍କ ଉଲ୍ଲାସକୁ ଦ୍ୱିଗୁଣିତ କରିବାରେ ପ୍ରମୁଖ ପ୍ରତ୍ୟକ୍ଷ ଭୂମିକା ନିର୍ବାହ କରିବାକୁ ଚାହୁଁଛୁ । ଗ୍ରାହକଙ୍କ ଉଲ୍ଲାସ ନେଇ ରହିଥିବା ଆମର ଦର୍ଶନ ଅନୁସାରେ ଆମେ ବାସ୍ତବରେ ବିଶ୍ୱାସ କରୁଛୁ ଯେ ଜଣେ ଖୁସି ଗ୍ରାହକ ବ୍ରାଣ୍ଡର ଉଲ୍ଲେଖନୀୟ ବୃଦ୍ଧି କରିଥାନ୍ତି । ଆମର ସର୍ବଭାରତୀୟ ଅଭିଯାନ ଓ ବ୍ୟକ୍ତିଗତ ସୁହାଇବା ଭଳି ଅଫର ଜରିଆରେ ଆମେ ଆମର ଉତ୍ପାଦ
ଜରିଆରେ ବଜାରକୁ ଅଧିକ ବରାନ୍ୱିତ କରିବା ଏବଂ ଆମର ଅଭିବୃଦ୍ଧିକୁ ବର୍ଷ ଶେଷସୁଦ୍ଧା ବାଇବାକୁ ଆଶା ରଖିଛୁ । ଏହି ଅଫରଗୁଡ଼ିକ କ୍ୟାମେରା ଠାରୁ ଆଗକୁ ବଢ଼ି ପ୍ରିଂଟର ବର୍ଗରେ ମଧ୍ୟ ପ୍ରଦାନ କରାଯାଉଛି ।

# କାସ୍‌ଭି ଖଣିର ପରିବହନ କାର୍ଯ୍ୟ ବନ୍ଦ କଲେ ଟ୍ରକ୍ ମାଲିକ ସଂଘ

ଯୋଡା, ୨୩/୧୦(ପିଏନ): କେନ୍ଦୁଝର ଜିଲ୍ଲା ଯୋଡା ଖଣିମଣ୍ଡଳ ଜରିବାହାଲ ସ୍ଥିତ କାସ୍‌ଭି ଖଣିରେ କେତେକ ଦାବିକରି ଜୁରୁଡି ଟ୍ରକ ମାଲିକ ସଂଘ ପକ୍ଷରୁ ପରିବହନ କାର୍ଯ୍ୟକୁ ଶୁକ୍ରବାର ବନ୍ଦ କରିଦିଆଯାଇଛି । ନୂତନ ଲିଜ୍ ପାଇଥିବା କାସ୍‌ଭି ଇଣ୍ଟରନ୍ୟାସନାଲ ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀ ନିଜର ଖଣିଜ ପରିବହନ ପାଇଁ ବାହର ଅଂଚଳର ଭାରିଯାନ ଆଣି ସ୍ଥାନୀୟ ସଂଘର ଗାଡିକୁ ସଂଘରେ ଥିବା ଗାଡିମାନଙ୍କୁ କାର୍ଯ୍ୟ ଦେଉନଥିବା ଅଭିଯୋଗ କରି ଜୁରୁଡି ଟ୍ରକ୍‌ମାଲିକ ସଂଘ ପକ୍ଷରୁ ଧାରଣା ଦିଆଯାଇଥିଲା । ଦୀର୍ଘ ୧୧ ଦିନ ଧାରଣା ଦିଆଯାଇଥିଲେ ହେଁ କମ୍ପାନୀ ପକ୍ଷରୁ ସମାଧାନ ଶୁଣାଣି ନହେବାରୁ ସଂଘ ପକ୍ଷରୁ ପରିବହନ ମୂଲ୍ୟ ସମ୍ପର୍କିତ ଦାବି ପତ୍ର ଦିଆଯାଇଥିଲା । ମାତ୍ର କମ୍ପାନୀ ଏହାକୁ ମଧ୍ୟ ହେୟଜ୍ଞାନ କରୁଥିବାରୁ ଶୁକ୍ରବାର ସଂଘ ପକ୍ଷରୁ ଖଣିର ପରିବହନ କାର୍ଯ୍ୟ ବନ୍ଦ କରିଦିଆଯାଇଥିବା ସଂଘର ବରିଷ୍ଠ କର୍ମକର୍ତ୍ତା ମହେନ୍ଦ୍ର କୁମାର ମହାନ୍ତି, ପ୍ରଭୁରଂଜନ ଶତପଥୀ ପ୍ରମୁଖ ସୂଚନା ଦେଇଛନ୍ତି । ଏଣେ ଏ ନେଇ କାସ୍‌ଭି ଖଣିର ଅଧିକାରୀ ଅନୁପ ରଥ କହିଛନ୍ତି ଯେ ସମାଧାନ ଶୀଘ୍ର କରାଯିବ, ପରିବହନ ମୂଲ୍ୟନେଇ ଆପଷ ବୁଝାମଣାରେ ନିଷ୍ପତି ନିଆଯିବ ।




# ବାଲେଶ୍ୱର ପଲ୍ଲିଶ୍ରୀ ମେଳା ଆୟୋଜନ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି



ବାଲେଶ୍ୱର (ପିଏନ୍)- ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ 'ବାଲେଶ୍ୱର ପଲ୍ଲିଶ୍ରୀ ମେଳା' ୨୦୨୨ ଆୟୋଜନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଗତକାଲି ଅପରାହ୍ନରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଶ୍ରୀ କେ.ସୁଦର୍ଶନ ଚକ୍ରବର୍ତୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଆସନ୍ତା ଜୁନ ମାସ ପ୍ରଥମାର୍ଦ୍ଧରେ ସ୍ଥାନୀୟ ଆଇ.ଟି.ଆଇ.ପଡିଆଠାରେ ପଲ୍ଲିଶ୍ରୀ ମେଳାର ଆୟୋଜନ ନିମନ୍ତେ ନିଷ୍ପତି ନିଆଯିବା ସହିତ ଏହାର ରୂପରେଖ ଉପରେ ଆଲୋକପାତ କରାଯାଇଥିଲା । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନୀଲୁ ମହାପାତ୍ର, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ରବୀନ୍ଦ୍ର କୁମାର ସାହୁ, ଉପ-ଜିଲ୍ଲାପାଳ ଶ୍ରୀ ଆଶିଷ ଈଶ୍ୱର ପାଟିଲଙ୍କ ସମେତ ବିଭିନ୍ନ ବିଭାଗୀୟ ପଦାଧିକାରୀ ଏହି ବୈଠକରେ ଉପସ୍ଥିତ ରହି ମେଳାର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ । ଏହି ମେଳାରେ ଡିଆରଡିଏ, ଓରମାସ, ସ୍ୱୟଂ ସହାୟକ ଗୋଷ୍ଠୀ ସମେତ ବିଭିନ୍ନ ଲାଇନ ଡିପାର୍ଟମେଂଟ ଏବଂ ଘରୋଇ ସଂସ୍ଥାର ଷ୍ଟଲ ସ୍ଥାନୀତ କରାଯିବା ନିମନ୍ତେ ନିଷ୍ପତି ହୋଇଥିଲା । ଏତଦବ୍ୟତୀତ ସାଂସ୍କୃତିକ ଓ ମନୋରଂଜନ କାର୍ଯ୍ୟକ୍ରମର ଆୟୋଜନ ପାଇଁ ମଧ୍ୟ ସହମତି ପ୍ରକାଶ ପାଇଥିଲା । ବାଲେଶ୍ୱର ଜିଲ୍ଲା ସମେତ ରାଜ୍ୟର ଅନ୍ୟାନ୍ୟ ଜିଲ୍ଲା ଓ ପଡୋଶୀ ରାଜ୍ୟରୁ ବ୍ୟବସାୟିକ ସଂସ୍ଥା ଓ ସାଂସ୍କୃତିକ ଦଳକୁ ଆମନ୍ତ୍ରଣ କରିବାକୁ ଉପସ୍ଥିତ ସଦସ୍ୟମାନେ ମତ ରଖିଥିଲେ । ମେଳା ଆୟୋଜନ ନିମନ୍ତେ ବିଭିନ୍ନ କମିଟି ଗଠନ, ଆଇନଶୃଙ୍ଖଳା ଓ ଟ୍ରାଫିକ୍ ବ୍ୟବସ୍ଥାର ସୁପରିଚାଳନା, ହୋର୍ଡିଂ ଓ ଷ୍ଟଲ୍ ସ୍ଥାପନ, ପାନୀୟ ଜଳ, ଅଗ୍ନିଶମ ବ୍ୟବସ୍ଥା, ମେଳାର ପ୍ରଚାର ଓ ପ୍ରସାର, ଉଦଘାଟନୀ ଓ ଉଦଯାପନୀ ଉତ୍ସବ ଇତ୍ୟାଦି ସମ୍ପର୍କରେ ବୈଠକରେ ବିସ୍ତୃତ ଆଲୋଚନା କରାଯାଇଥିଲା । ରାଜ୍ୟ ପଂଚାୟତିରାଜ ଓ ପାନୀୟ ଜଳ ବିଭାଗ, ଓରମାସ ଓ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଆୟୋଜିତ ହେଉଥିବା ଏହି ମେଳାକୁ ଅଧିକ ଆକର୍ଷଣୀୟ ଓ ସଫଳ କରିବା ଲାଗି ସବୁ ସ୍ତରରେ ଉଦ୍ୟମ କରିବାକୁ ଜିଲ୍ଲାପାଳ ଶ୍ରୀ ଚକ୍ରବର୍ତୀ ପରାମର୍ଶ ଦେଇଛନ୍ତି। ବୈଠକରେ ଓରମାସ ଉପମୁଖ୍ୟ ପରିଚାଳକ ଶ୍ରୀ ଜିତେନ୍ଦ୍ର ବିଶ୍ୱାଳ ମେଳା ସମ୍ପର୍କିତ ବିଭିନ୍ନ ସୂଚନା ପ୍ରଦାନ କରିଥିଲେ ।

# ବ୍ଲକ ସ୍ତରୀୟ ମେଗା ସ୍ୱାସ୍ଥ୍ୟ ମେଳାରେ ୮୧୪ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ଭାଗବତପୁର ଗ୍ରାମ ପଞ୍ଚାୟତରେ ବ୍ଲକ ସ୍ତରୀୟ ମେଗା ସ୍ୱାସ୍ଥ୍ୟମେଳା ଓ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡା ବିଧାୟକ ଶଶିଭୂଷଣ ବେହେରା ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବିଧାୟକ ଶ୍ରୀ ବେହେରା କହିଲେ ଯେ ଲୋକମାନଙ୍କ ହାତ ପାହାନ୍ତାରେ ଉନ୍ନତମାନର ଚିକିତ୍ସା ସେବା ଯୋଗାଇ ଦେବା ହେଉଛି ଏହି ଶିବିରର ମୁଖ୍ୟ ଉଦେଶ୍ୟ। ଡାକ୍ତରଖାନାକୁ ଯାଇ ଲେକେ ବିଭିନ୍ନ ସମୟରେ ହନ୍ତସନ୍ତ ହୁଅନ୍ତି। ଏଥିସହ ଦଲାଲଙ୍କ ହାବୁଡ଼ରେ ମଧ ପଡିଥାନ୍ତି। ହେଲେ ଏଭଳି ମେଳାରେ ଲୋକେ ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟସେବା ପାଇ ପାରିବା ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ବୋଲି ବିଧାୟକ କହିଥିଲେ। ଡା. ଶ୍ରୀକାନ୍ତ ସ୍ୱାଇଁ, ଡା. ଖଗେଶ୍ୱର ନୟକ ପ୍ରମୁଖ ଏହି ମେଗା ସ୍ୱାସ୍ଥ୍ୟ ମେଳାକୁ ପରିଚାଳନା କରିଥିଲେ। ଏଥିରେ ଭେଷଜ ବିଶେଷଜ୍ଞ, ଶିଶୁ ରୋଗ ବିଶେଷଜ୍ଞ, ଚକ୍ଷୁରୋଗ ବିଶେଷଜ୍ଞ, ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ପ୍ରମୁଖ ୨୫ଟି ବିଭାଗର ଡାକ୍ତରମାନେ ଯୋଗଦେଇ ରୋଗୀମାନଙ୍କ ଚିକିତ୍ସା କରିବା ସହ ସୁଚିନ୍ତିତ ପରାମର୍ଶ ଦେଇଥିଲେ। ଏହି ମେଳାରେ ୮୧୪ ଜଣ ରୋଗୀ ଚିକିତ୍ସିତ ହେବା ସହ ଆବଶ୍ୟକ ଡାକ୍ତରୀ ପରାମର୍ଶ ପାଇଥିଲେ। ଏହି ଅବସରରେ ଅନୁଷ୍ଠିତ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମରେ ବିଡିଓ ବନ୍ଦନା ଖଟୁଆ, ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ଗୀତାଞ୍ଜଳି ଦାସ, ବ୍ଲକ କାର୍ଯ୍ୟକ୍ରମ ପରିଚାଳକ ମଞ୍ଜୁଶ୍ରୀ ବିଶ୍ୱାଳ ପ୍ରମୁଖ ସରକାରୀ ଅଧିକାରୀମାନେ ଯୋଗଦେଇ ଲୋକମାନଙ୍କ ବିଭିନ୍ନ ସମସ୍ୟା ଶୁଣିବା ସହ ଏହାର ପ୍ରତିକାର ବ୍ୟବସ୍ଥା କରିଥିଲେ। ଏଥିରେ ବ୍ଲକ ଅଧକ୍ଷ ରଶ୍ମିତା ସେଠୀ, ଉପାଧକ୍ଷ ପ୍ରତାପ ମହାପାତ୍ର, ଭାଗବତପୁର ସରପଞ୍ଚ ପ୍ରିୟଙ୍କା ପ୍ରିୟଦର୍ଶିନୀ ନାୟକ, ସମିତିସଭ୍ୟା ପ୍ରମିଳା ମିଶ୍ର, ପୂର୍ବତନ ବ୍ଲକ ଅଧକ୍ଷ ପ୍ରଦୀପ୍ତ ମହାନ୍ତି ପ୍ରମୁଖ ମଞ୍ଚାସୀନ ଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ଲୋକମାନଙ୍କ ସମସ୍ୟା ଶୁଣିବା ସହ ପ୍ରତିକାର ବ୍ୟବସ୍ଥା ପାଇଁ ମରାମର୍ଶ ଦେଇଥିଲେ।

# ଶ୍ରୀ ସତ୍ୟସାଇ ସେବା ସମିତିରେ ଥାଲାସେମିଆ ଶିବିର ଓ ନିର୍ମଳଝରର ଉଦ୍‌ଘାଟିତ



କେନ୍ଦ୍ରାପଡ଼ା (ପିଏନ୍): ପବିତ୍ର ଅକ୍ଷୟ ତୃତୀୟା ଅବସରରେ କେନ୍ଦ୍ରାପଡା ପୌରାଞ୍ଚଳ ଅନ୍ତର୍ଗତ ମୀରପାଟଣା ଗ୍ରାମରେ ଥିବା ଶ୍ରୀ ସତ୍ୟସାଇ ସେବା ସମିତି ଓ କେନ୍ଦ୍ରାପଡା ଜିଲ୍ଲା ଶ୍ରୀ ସତ୍ୟସାଇ ସେବା ସଂଗଠନ ଆନୁକୂଲ୍ୟରେ ଥାଲାସେମିଆ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଫେସର ଡା. ହେମଲତା ଦାଶ ଯୋଗଦେଇ ୬୦ଜଣ ଥାଲାସେମିଆ ରୋଗୀଙ୍କ ଚିକିତ୍ସା କରିଥିଲେ। ଏଥିସହିତ ୩୭ଜଣ ଥାଲାସେମିଆ ରୋଗୀଙ୍କ ଅଲଟ୍ରାସାଉଣ୍ଡ ମଧ କରାଯାଇଥିଲା। ଶ୍ରୀ ସତ୍ୟସାଇ ସଂଗଠନ ଓଡିଶା, ଭୁବନେଶ୍ୱର ଏବଂ ଶ୍ରୀ ସତ୍ୟସାଇ ସେବା ସଂଗଠନ କେନ୍ଦ୍ରାପଡା ଜିଲ୍ଲାର ମିଳିତ ଆନୁକୂଲ୍ୟରେ ଅପରାହ୍ନରେ ଗୋପଛକସ୍ଥିତ ବିଶ୍ୱାଳ କମ୍ପ୍ଲେକ୍ସ ପରିସରରେ ଶ୍ରୀ ସତ୍ୟସାଇ ନିର୍ମଳଝର(ଶୀତଳ ସୁଦ୍ଧ ପାନୀୟ ଜଳ)ର ଲୋକାର୍ପଣ କରାଯାଇଥିଲା। ଶ୍ରୀ ସତ୍ୟସାଇଙ୍କ ପୂଜନ, ଭଜନ ଓ ବେଦପାଠ ପରେ ନାରିକେଳ ବାଡାଯାଇ ଏହି ପବିତ୍ର ପ୍ରକଳ୍ପକୁ ଲୋକାର୍ପଣ କରିଥିଲେ ପୂଜ୍ୟ ଜଗଦୀଶ ଚନ୍ନା ଓ ଭଉଣୀ ପୂଜ୍ୟା ମୀନାକୁମାରୀ ଚନ୍ନା। ରଜନୀକାନ୍ତ ଦାସ, ପ୍ର. ହିମାଂଶୁ ପରିଡା, ବ୍ରଜ କିଶୋର ବିଶ୍ୱାଳ, ରାମଚନ୍ଦ୍ର ସ୍ୱାଇଁ, ଜିଲ୍ଲା ସଭାପତି ରାଧାକୃଷ୍ଣ ସାହୁ ପ୍ରମୁଖ ଏହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧରେ ବିଷ୍ଣୁ ଚରଣ ସାମଲ, ପ୍ରବୋଧ ପଣ୍ଡା, ପ୍ରବୋଧ ରାୟ, କାବେରୀ ଆଚାର୍ଯ୍ୟଙ୍କ ସମେତ ବହୁ ସାଇ ଶ୍ରଦ୍ଧାଳୁମାନେ ଉପସ୍ଥିତ ଥିଲେ। ଆବାହକ ନୃସିଂହ ଚରଣ ତ୍ରିପାଠୀ ଏହି କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।

# ମାନବ ସେବା ହିଁ ମାଧବ ସେବାର ବାର୍ତା ଦେଲେ ଅହମଦୀୟା ଯୁବ ସଂଗଠନ

ଖୋର୍ଦ୍ଧା (ପିଏନ୍): ୧୩/୫ ଅହମଦୀୟା ମୁସଲିମ ଯୁବସଂଗଠନ ପକ୍ଷରୁ ଖୋର୍ଦ୍ଧା ସହର ୱାର୍ଡ଼ ନଂ ୧୦ ଶାନ୍ତିଦାନ କଲୋନୀର ଗୋପବନ୍ଧୁ କୁଷ୍ଠାଶ୍ରମରେ ୨୫ ପରିବାରଙ୍କ ମଧ୍ୟରେ ଆବଶ୍ୟକୀୟ ବସ୍ତ୍ର ବଂଟନ କରାଯାଇଛି। କରୋନା କାଳ ଗରିବ ଲୋକମାନଙ୍କ ଆର୍ଥିକ ପରିସ୍ଥିତିକୁ ସମ୍ପୂର୍ଣ୍ଣ ରୂପେ ଭାଙ୍ଗି ଦେଇଛି। ପୂର୍ବଭଳି ଆଉ କାମଧନ୍ଦା ନାହିଁ ଏବଂ ରୋଜଗାରର କୌଣସି ସାଧନ ନାହିଁ। ଯାହାଫଳରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସରକାରୀ ଭତା ମିଳି ପାରୁଥିଲେ ମଧ ମାସଯାକ ପାଇଁ ଯଥେଷ୍ଟ ନୁହେଁ। ଅହମଦୀୟା ମୁସଲିମ ଯୁବସଂଗଠନ ଏପରି ଗରିବ ଦୀନ ଦରିଦ୍ର ଲୋକଙ୍କ ସେବାକୁ ହିଁ ମାଧବ ସେବା ବୋଲି ବିଶ୍ୱାସ କରି ମାନବ କଲ୍ୟାଣକାରୀ ସେବା କାର୍ଯ୍ୟ କରି ଆସୁଛି। ଏହି କାର୍ଯ୍ୟକ୍ରମରେ ଅହମଦୀୟା ମୁସଲିମ ଯୁବସଂଗଠନର ଜିଲ୍ଲା ସଭାପତି ତବରେଜ ଅହମଦ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଖୋର୍ଦ୍ଧା ଅହମଦୀୟା ମୁସଲିମ ଯୁବସଂଗଠନ କେରଙ୍ଗର ପୂର୍ବ ସଭାପତି ସେକ ହବିବ, ଉସମାନ ଖାଁ ଏବଂ ଓସିମ ଖାଁ ଯୋଗ ଦେଇଥିଲେ। ପ୍ରକାଶ ଥାଉ କି ଅହମଦୀୟା ମୁସଲିମ ସଂଗଠନ ସମଗ୍ର ଦେଶରେ ହଜାର ହଜାର ସଂଖ୍ୟାରେ ଗରିବ ଲୋକମାନଙ୍କୁ ସାହାଯ୍ୟ ଓ ସହଯୋଗ କରି ଆସୁଛି। ଆଗକୁ ଏହିଭଳି ଆହୁରୀ କାର୍ଯ୍ୟକ୍ରମ ରହିଛି ବୋଲି ଯୁବସଂଗଠନର ଜିଲ୍ଲା ସଭାପତି ତବରେଜ ଅହମଦ ସୂଚନା ଦେଇଛନ୍ତି।

# ଡ୍ରାଇଭିଂ ଲାଇସେନ୍ସ ବ୍ୟବସ୍ଥାରେ ସଂସ୍କାର



ଓଡ଼ିଶା ସରକାର ସର୍ବଶେଷ ସୂଚନା ପ୍ରଯୁକ୍ତି ଓ ସାମାଜିକ ଗଣମାଧ୍ୟମର ବ୍ୟବହାର କରି ଡ୍ରାଇଭିଂ ଲାଇସେନ୍ସ ବ୍ୟବସ୍ଥାରେ ନୂଆ ପ୍ରକାର ବ୍ୟବସ୍ଥା ଆପଣାଉଛନ୍ତି। ଦିନକୁ ଦିନ ଲୋକମାନେ ସୋସିଆଲ ମିଡ଼ିଆ ସହିତ ଅତ୍ୟନ୍ତ ସକ୍ରିୟ ରହୁଛନ୍ତି ଓ ହାତପାହାନ୍ତାରେ ଥିବା ମୋଇବାଲ ମାନଙ୍କରେ ସରକାରଙ୍କ ପ୍ରଦତ୍ତ ସର୍ବଶେଷ ତଥ୍ୟ ଓ ସଚେତନତା ଜାଣି ପାରୁଛନ୍ତି। ତେବେ ଏହା ଭିତରେ ଏକ ବଡ଼କଥା ହେଉଛି, ଡ୍ରାଇଭିଂ ଲାଇସେନ୍ସ ପ୍ରଦାନ ଲାଗି ପ୍ରଚଳିତ ବ୍ୟବସ୍ଥାରେ ସଂସ୍କାର ଅଣାଯାଇଛି। ଡ୍ରାଇଭିଂ ଲାଇସେନ୍ସ ପ୍ରଦାନ କ୍ଷେତ୍ରରେ ଥିବା ମାନୁଆଲ ବ୍ୟବସ୍ଥା ବଦଳରେ ଡିଜିଟାଲ ବା କମ୍ପ୍ୟୁଟରୀକରଣ କରାଯାଉଛି। ଏଥିଲାଗି ଅଟୋମେଟିକ ବା ସ୍ୱୟଂ ଚାଳିତ ଡ୍ରାଇଭିଂ ଟେଷ୍ଟିଂ ସିଷ୍ଟମ ବ୍ୟବସ୍ଥାର ପ୍ରଚଳନ ହେଉଛି। ପ୍ରଥାମିକ ପର୍ଯ୍ୟାୟରେ ୧୯ଟି ଆରଟିଓରେ ଏହି ନୂତନ ବ୍ୟବସ୍ଥା କାର୍ଯ୍ୟକାରୀ ହେବ। ଏଥିଲାଗି ଅତ୍ୟାଧୁନିକ ଡ୍ରାଇଭିଂ ପରୀକ୍ଷଣ ଟ୍ରାକ ସ୍ଥାପନ କରାଯାଉଛି।

ସୂଚନାଯୋଗ୍ୟ ଯେ ଡ୍ରାଇଭିଂ ଲାଇସେନ୍ସ ପାଇବାକୁ ହେଲେ ପ୍ରତ୍ୟେକଙ୍କୁ ଡ୍ରାଇଭିଂ ସ୍କିଲ ଟେଷ୍ଟ ଦେବାକୁ ପଡ଼ିଥାଏ। ପ୍ରଚଳିତ ବ୍ୟବସ୍ଥା ଅନୁଯାୟୀ ଜଣେ ମୋଟର ଯାନ ଇନ୍ସପେକ୍ଟରଙ୍କ ଉପସ୍ଥିତିରେ ଏହି ପରୀକ୍ଷା ଦେବାକୁ ପଡୁଛି। ପରୀକ୍ଷା ଶେଷରେ ଏହି ଅଧିକାରୀ ନିଷ୍ପତ୍ତି ନିଅନ୍ତି ଯେ ଆପଣଙ୍କର ଡ୍ରାଇଭିଂ କରିବାର କ୍ଷମତା ଅଛି କି ନାହିଁ। ଏହି ପ୍ରଚଳିତ ବ୍ୟବସ୍ଥା ଶୀଘ୍ର ଇତିହାସ ହେବାକୁ ଯାଉଛି। ଏବେ ଡ୍ରାଇଭିଂ ଦକ୍ଷତା ବିଷୟରେ ନିଷ୍ପତ୍ତି କ୍ୟାମେରା, ସେନ୍ସର ଏବଂ କମ୍ପ୍ୟୁଟର ଉପରେ ନ୍ୟସ୍ତ କରାଯିବ। ଏଥିଲାଗି ରାଜ୍ୟ ପରିବହନ ବିଭାଗ ପକ୍ଷରୁ ଡ୍ରାଇଭିଂ ଟେଷ୍ଟ ସିଷ୍ଟମକୁ ଅପଗ୍ରେଡ଼ କରାଯାଉଛି।

ନୂତନ ବ୍ୟବସ୍ଥାରେ କେବଳ ଆବେଦନକାରୀଙ୍କ କେବଳ ଡ୍ରାଇଭିଂ ଦକ୍ଷତା ଯାଞ୍ଚ ହେବନାହିଁ ବରଂ ଲାଇସେନ୍ସ ପ୍ରଦାନ କରିବାକ ସମୟରେ ସ୍ୱଚ୍ଛତାକୁ ମଧ ସୁନିଶ୍ଚିତ କରାଯିବ। ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ୧୯ଟି ଆରଟିଓରେ ଡ୍ରାଇଭିଂ ପରୀକ୍ଷଣ ଟ୍ରାକରେ ଏଡିଟିଏସ ସ୍ଥାପନ କରାଯିବ। ଭିଡ଼ିଓ ଆନାଲିଟିକ୍ସ ଟେକ୍ନୋଲୋଜି ଏବଂ କ୍ୟାମେରା ଏବଂ ସେନ୍ସରର ବ୍ୟବହାର କରି ଏହି ସିଷ୍ଟମ ଏକ ଅତ୍ୟାଧୁନିକ ସେଟଅପ ପ୍ରଦର୍ଶିତ ହେବ। ଯାନଗୁଡ଼ିକର ପ୍ରବେଶ ଠାରୁ ଆରମ୍ଭ କରି ଏହାର ଯାଞ୍ଚ ସବୁକିଛି ଡିଜିଟାଲ ପଦ୍ଧତିରେ ସୁନିଶ୍ଚିତ କରାଯିବ। ଟ୍ରାକରେ ଫିଟ ହୋଇଥିବା ଡିଜିଟାଲ ଟେଷ୍ଟିଂ ସେନ୍ସରଗୁଡ଼ିକ ଏହା ଉପରେ ନଜର ରଖିବ ଏବଂ ଆବେଦନକାରୀଙ୍କ ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ନେବ। ଏକାଧିକ ହାଇ ଡେଫିନେସନ କ୍ୟାମେରା ସହିତ ବୈଜ୍ଞାନିକ ପଦ୍ଧତିରେ ପରିକଳ୍ପିତ ସିଷ୍ଟମକୁ ଆବେଦନକାରୀଙ୍କ ଡ୍ରାଇଭିଂ ଦକ୍ଷତାର ମୂଲ୍ୟାଙ୍କନ କରିବାକୁ ସଜାଗ ରଖାଯିବ। ଟ୍ରାକ ଗୁଡ଼ିକ ସେନ୍ସର ସହିତ ଲାଇନ ହେବ, ପରୀକ୍ଷଣ ସମୟରେ ସେନ୍ସରକୁ ମାରିବା ଦ୍ୱାରା ମାର୍କ ନଷ୍ଟ ହେବ।

ଆବେଦନକାରୀଙ୍କ ଦକ୍ଷତା ପରୀକ୍ଷା ସିଟ ବେଲ୍ଟ, ପାଥ ପରିବର୍ତ୍ତନ, ଗାଡ଼ି ଚାଳନା, ଷ୍ଟପ ଲାଇନ, ଅପ ଗ୍ରେଡିଏଣ୍ଟ, ଫରୱାର୍ଡ-୮, ରିଭର୍ସ ଏସ ଏବଂ ଟ୍ରାଫିକ ଜଙ୍କସନ ପରି ପାରାମିଟର ଉପରେ ବିଚାର କରାଯିବ। ସେଠାରେ ଏକ ଏଲଇଡି ଟେଲିଭିଜନ ସହିତ ସଜ୍ଜିତ ହେବ ଯାହା କ୍ରମାଗତ ଭାବରେ ପାସ ଖେଳିବ ଏବଂ ଏଲଏମଭି ଏବଂ ମୋଟର ସାଇକେଲ ଲାଗି ଭିଡ଼ିଓ ବିଫଳ ହେବ। ପରୀକ୍ଷା ସମୟରେ ଯଥାଶୀଘ୍ର ଆବେଦନକାରୀଙ୍କ ପରୀକ୍ଷା ଫଳାଫଳ ପାସ କିମ୍ବା ଫେଲ ପ୍ରଦର୍ଶନ କରିବାକୁ ପ୍ରତ୍ୟେକ ଭେରିଏବଲ ମେସେଜିଂ ସମସ୍ତ ପରୀକ୍ଷା ଟ୍ରାକରେ ରଖାଯିବ। ୧୦ ସେକେଣ୍ଡ ମଧ୍ୟରେ ଫଳାଫଳ ଜଣାପଡ଼ିବ। ସମ୍ପୃକ୍ତ ପରୀକ୍ଷଣ ସମାପ୍ତ ହେବା ପରେ, ସ୍ମାର୍ଟ ଫୋନରେ ପାସ ବା ଫେଲର ବାର୍ତ୍ତା ପ୍ରଦର୍ଶିତ ହେବ। ଡ୍ରାଇଭିଂ ଲାଇସେନ୍ସ ପାଇବାକୁ ଚାହୁଁଥିବା ପ୍ରାର୍ଥୀଙ୍କ ଦକ୍ଷ ଏବଂ ସ୍ୱଚ୍ଛ ପରୀକ୍ଷଣ ପାଇଁ ଉନ୍ନତ ପ୍ରଶିକ୍ଷଣ ପଦ୍ଧତି ରାଜ୍ୟରେ ସଡ଼କ ଦୁର୍ଘଟଣା ହ୍ରାସ କରିବାରେ ସହାୟକ ହେବ ଓ ସମଗ୍ର ପ୍ରକ୍ରିୟା ସଠିକତାକୁ ସୁନିଶ୍ଚିତ କରିବ।

**ନାଟ୍ୟସାରଥି ଅଭୟ କୁମାର ଦାସ**
*ଗୋଡରା, ମାହାଙ୍ଗା, କଟକ,*
*ଦୂରଭାଷ : ୯୪୩୭୧୪୨୭୧୭*


# ଲାୟନ୍ସ କ୍ଲବର ସଭ୍ୟମାନଙ୍କ ଶାନ୍ତି ଶୋଭାଯାତ୍ରା ଓ ନୂତନ କର୍ମକର୍ତ୍ତା ଚୟନ




ଭୁବନେଶ୍ୱର (ପିଏନ୍): ଲାୟନ୍ସ କ୍ଲବ ଜିଲ୍ଲା ୩୨୨ସି୪ର ନବମ ବାର୍ଷିକ ସମ୍ମିଳନୀ ହୋଟେଲ ଏକ୍ସଲେନ୍ସିଠାରେ ଅନୁଷ୍ଠିତ ହୋଇଯାଇଛି। ସକାଳ ୬.୩୦ ମିନିଟ୍ ସମୟରେ ଭୁବନେଶ୍ୱରଠାରୁ ନବରଙ୍ଗପୁର ପର୍ଯ୍ୟନ୍ତ ୪୫ଟି କ୍ଲବର ୧୫୦୦ ଲାୟନ ସଭ୍ୟମାନେ ଏକ ଶାନ୍ତି ପଦଯାତ୍ରା କରି ଭୁବନେଶ୍ୱର ଇନ୍ଦିରା ପାର୍କଠାରୁ ମାଷ୍ଟର କ୍ୟାଣ୍ଟିନ ଛକ ପର୍ଯ୍ୟନ୍ତ ସେମାନଙ୍କ କ୍ଲବର ବିଭିନ୍ନ ସେବାମୂଳକ କାର୍ଯ୍ୟର ପ୍ଲାକାର୍ଡ଼ ଧରି ପହଞ୍ଚିଥିଲେ। ଜିଲ୍ଲା ଗଭର୍ଣ୍ଣର ଲାୟନ ଇଂ ପୂର୍ଣ୍ଣଚନ୍ଦ୍ର ପାଢୀ ଜାତୀୟ ପତାକା ଏବଂ ଲାୟନ୍ସ ପତାକା ଉତ୍ତୋଳନ କରିଥିଲେ। ଏହି ପଦଯାତ୍ରାରେ ଲାୟନ୍ସ କ୍ଲବ ଭୁବନେଶ୍ୱର ନୟାପଲ୍ଲୀର ସଭ୍ୟମାନଙ୍କର ଶୃଙ୍ଖଳା, ସୁନ୍ଦର ସମପୋଷକ, ପ୍ଲାକାର୍ଡ଼ ଏବଂ ବହୁ ସଂଖ୍ୟକ ସଭ୍ୟ ଯୋଗଦାନ ଯୋଗୁ ପ୍ରଥମ ପୁରସ୍କୃତ ହୋଇଥିଲେ। ଏହି ଅବସରରେ ଆସନ୍ତା ବର୍ଷ ନିମନ୍ତେ ଲାୟନ ଇଂ ସୁରେଶ ଚନ୍ଦ୍ର ନାୟକ ନୂତନ ଜିଲ୍ଲା ଗଭର୍ଣ୍ଣର, ଲାୟନ କୋଟେଶ୍ୱର ରାଓ ପ୍ରଥମ ଉପଜିଲ୍ଲା ଗଭର୍ଣ୍ଣର, ଲାୟନ ସରସ୍ୱତୀ ପାତ୍ର ଦ୍ୱିତୀୟ ଉପଜିଲ୍ଲା ଗଭର୍ଣ୍ଣର ନିଯୁକ୍ତ ହୋଇଛନ୍ତି। ଏଥିସହ ଲାୟନ ଜିଲ୍ଲା ନୂତନ ମନ୍ତ୍ରୀମଣ୍ଡଳୀଙ୍କ ନାମ ଘୋଷଣା କରାଯାଇଛି। ନୂତନ ଜିଲ୍ଲା ସେକ୍ରେଟାରୀ ଭାବେ ଲାୟନ ଅଜୟ ମହାନ୍ତି, କୋଷାଧ୍ୟକ୍ଷ ଭାବେ ଲାୟନ ଲଳିତେନ୍ଦୁ ଶତପଥୀ, ଜନସମ୍ପର୍କ ଅଧିକାରୀ ଭାବେ ଲାୟନ ଖଲିଦ ପରଭେଜ ଖାଁ ମନୋନୀତି ହୋଇଛନ୍ତି।

# ଅମରେଶ୍ୱରୀ ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଜାରକା ପଞ୍ଚାୟତ ଉତର ଶାସନ ଗ୍ରାମରେ ବିଷୁବ ସଂକ୍ରାନ୍ତଠାରୁ ଆରମ୍ଭ ହୋଇଥିବା ମା' ଅମରେଶ୍ୱରୀଙ୍କ ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ ହୋଇଯାଇଛି । ପ୍ରଥମ ଦିବସରେ ମା'ଙ୍କ ଯଥାବିଧି ପୂଜାର୍ଚ୍ଚନା, ଅଙ୍କୁରାରୋପଣ, କଳସଯାତ୍ରା, ସୂର୍ଯ୍ୟପୂଜା, ଗୋପୂଜା, ଗୀତାପାଠ, ଚଣ୍ଡିପାଠ, ହନୁମାନ ପୂଜା, ଯଜ୍ଞାରମ୍ଭ, ଆହୂତି, ଭୋଗଲାଗି ଆଦି ରୀତିନୀତି ସଂପନ୍ନ ହୋଇଥିଲା । ଦ୍ୱିତୀୟ ଦିବସରେ ମା'ଙ୍କ ଷୋଡଶ



ଉପଚାର ପୂଜା, ଗୀତାଯଜ୍ଞ ସମେତ ଯଜ୍ଞକର୍ମ ଅନୁଷ୍ଠିତ ହୋଇଥିଲା । ଶେଷ ଦିବସରେ ଯଜ୍ଞଦେବତାଙ୍କ ନଗର ପରିକ୍ରମା, ପୂଜାର୍ଚ୍ଚନା ଓ ରାତିରେ ଯଜ୍ଞରେ ପୂର୍ଣ୍ଣାହୂତି ଦିଆଯାଇଛି । ପୂଜକ ପ୍ରମୋଦ ପାଢୀ ଓ ସହଯୋଗୀମାନେ ଯଜ୍ଞକର୍ମ ସମ୍ପାଦିତ କରିଥିବା ବେଳେ ମନ୍ଦିର ପୂଜକ ଭାସ୍କର ଶତପଥୀ, ପ୍ରଫୁଲ୍ଲ କୁମାର ଦାଶ, ପ୍ରଭାତ ପାଣିଗ୍ରାହୀ, ତ୍ରିୟମ୍ବକ ରଥ, ଅଶୋକ ଆଚାର୍ଯ୍ୟ, ପ୍ରଦୀପ୍ତ ଦାଶ, ନାରାୟଣ ଓଝା, ଉମେଶ ବାରିକ, ନାରାୟଣ ସାହୁ, ଅମରେନ୍ଦ୍ର ରାଉତ, ପ୍ରତାପ କୁମାର ପ୍ରଧାନ, ଚିନ୍ମୟ ସାହୁ ପ୍ରମୁଖ ଏଥିରେ ସହାୟତା କରିଥିଲେ । ପ୍ରତ୍ୟେହ ସଂଧ୍ୟାରେ ଭଜନ ସମାରୋହ ଓ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ପରିଷଦ ସଭ୍ୟ ଜଳଧର ମହାନ୍ତି, ସରପଂଚ ସୁଦାମ ଚରଣ ବେହେରା, ପୂର୍ବତନ ସରପଂଚ ବିଭୂତିଭୂଷଣ ପାଣିଗ୍ରାହୀ, ସଂଗଠକ କାଳନ୍ଦୀ ସାହୁଙ୍କ ସମେତ ସ୍ଥାନୀୟ ଅଂଚଳର ହଜାର ହଜାର ଶ୍ରଦ୍ଧାଳୁ ମା'ଙ୍କ ଦର୍ଶନ କରି କୃପାଲାଭ କରିଥିଲେ । ଉତର ଶାସନ, ଦୁବଗଡିଆ, ନାଉପାଳ ଓ ଉତର ଶାସନ(ଖ) ଗ୍ରାମବାସୀ ସମସ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ଭୋଗରାଇରେ ସ୍ୱାସ୍ଥ୍ୟମେଳା



ବାଲେଶ୍ୱର (ପିଏନ୍)-ଭୋଗରାଇ ବ୍ଲକ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିନରେ ଜଳେଶ୍ୱରପୁର ହାଇସ୍କୁଲ ଠାରେ ଏକ ସ୍ୱାସ୍ଥ୍ୟ ସେବା ମେଳା ଅନୁଷ୍ଠିତ ହୋଇଯାଇଛି। ଏହାକୁ ବାଲେଶ୍ୱର ସାଂସଦ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ନଡ଼ିଆ ଫଟାଇ ଫିତା କାଟି ଶୁଭାରମ୍ଭ କରିଥିଲେ। ଡାକ୍ତର ଏବଂ ରୋଗୀ ମାନଙ୍କ ସହିତ ରୋଗୀ ସେବା ବିଷୟରେ ଆଲୋଚନା କରିଥିଲେ। ଏକ ସାଧାରଣ ସଭାରେ ଉଦ୍‌ବୋଧନ ଦେଇ ଆୟୁଷ୍ମାନ ଭାରତ ଗୋଷ୍ଠୀ ସ୍ତରୀୟ ସ୍ୱାସ୍ଥ୍ୟ ଉଦ୍ଦେଶ୍ୟ କ'ଣ ବୁଝାଇଥିଲେ। ଉକ୍ତ ସ୍ୱାସ୍ଥ୍ୟ ମେଳାକୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଦୁଲାଲ ସେନ୍ ଜଗଦେବ୍, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମୃତ୍ୟୁଞ୍ଜୟ ମିଶ୍ର, ଜିଲ୍ଲା ପ୍ରକଳ୍ପ ମ୍ୟାନେଜର ଅନୀଲ କୁମାର ମହାନ୍ତି, ଜିଲ୍ଲା ଜନସ୍ୱାସ୍ଥ୍ୟ ସୂଚନା ଅଧିକାରୀ ଶ୍ରୀ ରମଣିକାନ୍ତ ଭଞ୍ଜ, ଜଳେଶ୍ୱରପୁରର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମେଡ଼ିକାଲ ଅଫିସର ଓ କର୍ମକର୍ତ୍ତା ଉପସ୍ଥିତ ରହି ସ୍ୱାସ୍ଥ୍ୟ ମେଳାକୁ ସୁପରିଚାଳନା କରିଥିଲେ। ଏହି ସାଧାରଣ ସଭାରେ ବ୍ଲକ ସ୍ତରୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ଶଂକର ପଟ୍ଟନାୟକ, ତହସିଲଦାର କମଳାକାନ୍ତ ପଣ୍ଡା, ବ୍ଲକ ଅଧ୍ୟକ୍ଷ ଶ୍ରୀଯୁକ୍ତ କବୀର ଗିରି, ଉପାଧ୍ୟକ୍ଷା ଶ୍ରୀମତୀ ମିନାରାଣୀ ସାମଲ, ଜିଲ୍ଲା ପରିଷଦ ସଭ୍ୟ ଶ୍ରୀ ସନ୍ତୋଷ କୁମାର ଜେନା ପ୍ରମୁଖ ଉପସ୍ଥିତ ରହି ସ୍ୱାସ୍ଥ୍ୟମେଳାର ଆଭିମୁଖ୍ୟ କ'ଣ ସେ ସମ୍ପର୍କରେ ଲୋକ ମାନଙ୍କୁ ସଚେତନ କରାଇଥିଲେ। ଏହି ମେଳାରେ ଡାକ୍ତରଙ୍କ ଦ୍ୱାରା ୮୦ ଜଣ ରୋଗୀଙ୍କୁ ସେବା ପ୍ରଦାନ କରାଯିବା ସହିତ ଲୋକମାନଙ୍କୁ ସ୍ୱାସ୍ଥ୍ୟ ସଚେତନତା ଶିକ୍ଷା ପ୍ରଦାନ କରାଯାଇଥିଲା।

# କଟକ-ଚନ୍ଦବାଲି ରାସ୍ତାରେ ବାଲିଗଦା ଯୋଗୁଁ ଘଟୁଛି ଦୁର୍ଘଟଣା



କେନ୍ଦ୍ରାପଡ଼ା (ପିଏନ୍): କଟକ-ଚନ୍ଦବାଲି ରାସ୍ତାରେ ବାଲି ଗଦା ଯୋଗୁଁ ଦୈନିକ ଛୋଟ ବଡ ଦୁର୍ଘଟଣାମାନ ଘଟୁଥିଲେ ମଧ ପ୍ରଶାସନ ଏ ଦିଗରେ ଆବଶ୍ୟକ ପଦକ୍ଷେପ ନେଉନାହିଁ । ଗୃହ ନିର୍ମାଣ ପାଇଁ ବ୍ୟକ୍ତିବିଶେଷମାନେ ମୁଖ୍ୟ ରାସ୍ତା ଉପରେ ବାଲିଗୋଡି ଆଦି ଗଦା କରି ରଖୁଛନ୍ତି । ଫଳରେ ସେହି ରାସ୍ତା ଦେଇ ଯାଉଥିବା ଦୃତଗାମୀ ଗାଡି ଗୁଡିକ ସହିତ ପଥଚାରୀମାନେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି । ନିକଟରେ ଏଭଳି ଏକ ଘଟଣା ଦେଖିବାକୁ ମିଳିଛି କଲେଜ ଛକ ନିକଟରେ ଥିବା ଏକ ପେଟ୍ରୋଲ ଟାଙ୍କି ନିକଟରେ । କଟକ ଗମାନଡିଆ ଗ୍ରାମର ସେକ ଇବ୍ରାହିମ ଓ ହାଜି ଇଜାଜ ନାମକ ଦୁଇ ଜଣ ବ୍ୟକ୍ତି ଏକ ବାଇକ ଯୋଗେ ଯାଉଥିବା ବେଳେ ସେହି ପେଟ୍ରୋଲ ଟାଙ୍କି ନିକଟରେ ଗଦା ହୋଇଥିବା ବାଲି ରାସ୍ତା ଉପରକୁ ମାଡି ଆସିଥିବାରୁ ଟାଙ୍କିରୁ ତେଲ ପକାଇ ଏକ ବୋଲେରୋ (ନଂ-ଓଡି-୨୯-ଏଫ୍-୧୮୮୮) ବାଇକ ଆରୋହୀଙ୍କୁ ଧକ୍କା ଦେଇଥିଲା । ଫଳରେ ବାଇକରେ ବସିଥିବା ଦୁଇ ଜଣ ବ୍ୟକ୍ତି ଗୁରୁତର ଆହତ ହୋଇଥିଲେ। ତାଙ୍କୁ ସ୍ଥାନୀୟ ଲୋକେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ରାସ୍ତାରେ ଜମା ହୋଇଥିବା ବାଲି ଯୋଗୁ ବୋଲେରୋଟି ଡିଭାଇଡରରେ ପିଟି ହୋଇଯିବା ଯୋଗୁ ବୋଲେରୋର ଆଗ ଚକାଟି ଫାଟିଯାଇଥିଲା। ଦୈନିକ ଏହିଭଳି ଦୁର୍ଘଟଣା ଘଟୁଥିଲେ ମଧ ପ୍ରଶାସନ ଏଥିପ୍ରତି ଦୃଷ୍ଟି ନ ଦେବା ଏବଂ ରାସ୍ତା ଉପରେ ବାଲିଗୋଡି ଗଦା କରୁଥିବା ଲୋକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେଉନଥିବାରୁ ଏଭଳି ଘଟଣା ଘଟୁଥିବା ଅଭିଯୋଗ ହୋଇଛି।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Praggyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

# ମୋ ସହର

## କୋଟପାଡ଼ରେ ଚାଷୀଙ୍କୁ ଗଳା କାଟି ହତ୍ୟା, ସାଇନଟିଫିକ ଟିମର ତଦନ୍ତ

ଜୟପୁର,(ପି.ଏନ): କୋଟାପାଡ଼ ଥାନା ଅଂହଚଳରେ ଚାଂଚଲ୍ୟ।ବଡ ତରଗିଆ ଗାଁ ରେ ଜଣେ ଚାଷୀ ଙ୍କୁ ଗଳା କାଟି ହତ୍ୟା କରିଛନ୍ତି ଦୁର୍ବୃତ।ନିଜ ଅମଳ ମକା ଫସଲ କୁ ଜଗିବା ପାଇଁ ଖଳା ରେ ସୋଇଥିଲେ ସେ। ବିଳମ୍ବିତ ରାତି ରେ ଦୁର୍ବୃତମାନେ ଏଭଳି କାଣ୍ଡ କରି ଚମ୍ପଟ ମରିଛନ୍ତି।ସକାଳୁ ରକ୍ତାକ୍ତ ଅବସ୍ଥାରେ ଚାଷୀ ଙ୍କ ଶବ ପଡିଥିବା ଜଣା ପଡିଥିଲା।ଖବର ପ୍ରଚାର ହେବା ପରେ ମୃତ ଚାଷୀ ଙ୍କ ପରବର ପକ୍ଷରୁ କୋଟପଡ ପୋଲିସ ଥାନା ରେ ଅଭିଯୋଗ କରିଥିଲେ।ସେପଟେ ସିଂଟିଫିକ ଟିମ ଓ ଅନୁ ସନ୍ଧାନୀ କୁକୁର କୁ ଡକାଇ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି କୋଟାଡ଼ ଥାନା ଅଧିକାରୀ ଶେଷ ଦେବ ବେହେରା। ମୃତ ବ୍ୟକ୍ତି ଜଣକ ଚାବିଳ ବିଷୋୟୀ। ସେ ଅତି ଶାନ୍ତ ସରଳ ଓ ଅମାୟୀ ବ୍ୟକ୍ତି ।ତାଙ୍କର କାହା ସହିତ କୌଣସି ଶତ୍ରୁତା ବି ନାହିଁ ଏସବୁ ସ୍ୱତ୍ୱେ କେଉଁ ଦୁର୍ବୃତିମାନେ କେଉଁ ଥିପାଇ ଏଭଳି କାଣ୍ଡ ଘାଟାଇ ଛନ୍ତି ସେମାନଙ୍କୁ ଧରି ଦୃଢ କାର୍ଯ୍ୟାନୁଷ୍ଠାନ କରିବା ପାଇଁ ତାଙ୍କ ସ୍ତ୍ରୀ ଦାବି କରିଛନ୍ତି। ଏକ ମାସ ହେବ ତାଙ୍କ ସାନ ବାପା ଘର ସହ କିଛି ଗଣ୍ଡଗୋଳ ଥିଲା ତା ଛଡା ବାହାରେ କୌଣସି ଗଣ୍ଡଗୋଳ ନାହିଁ ବୋଲି ମୃତ ଚବିରଙ୍କ ଭଉଣୀ କହିଛନ୍ତି। ଅନ୍ୟପଟେ ଗ୍ରାମରେ ଜଣେ ନିରୀହ ବ୍ୟକ୍ତି ଙ୍କୁ ଏଭଳି ନୃଶଂସ ଭାବେ ହତ୍ୟା କରିଥିବା ହତ୍ୟା କାରୀ ଙ୍କୁ ତୁରନ୍ତ ଗିରଫ କରି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଗ୍ରାମବାସୀ ବି ଦାବି କରିଛନ୍ତି। ଚବିଳ ଙ୍କ ମୃତ୍ୟୁ ପରେ ପରିବର ଏବଂ ଗ୍ରାମରେ ଶୋକକୁଳ ପରିବେଶ ଖେଳି ଯାଇଛି ।ଘଟଣା ସ୍ଥଳରେ ସାଇନଟିଫିକ ଟିମ ପହଂଚିବା ପରେ ପୋଲିସ ତାର ତଦନ୍ତ ଆରମ୍ଭ କରିଛି।ଘଟଣା ସ୍ଥଳରୁ ମୃତ ଚାବିଳ ଙ୍କ ଫୋନ କୁ ଜବତ କରିଛି ପୋଲିସ। ଚାବିଳଙ୍କ ପେଟ ରେ ଧାରୁଆ ଅସ୍ତ୍ର ରେ ଭୁଷିବା ପରେ ତାଙ୍କ ଗଳା କୁ କଟା ଯାଇଛି ।ବିଭିନ୍ନ ଦିଗକୁ ନେଇ ପୋଲିସ ପକ୍ଷତାରୁ ତଦନ୍ତ କରାଯିବ ବୋଲି ଥାନା ଅଧିକାରୀ ଶେଷଦେବ ବେହେରା କହିଛନ୍ତି।

## ଜଗନ୍ନାଥ ସାଗରର ଜଳନିଷ୍କାସନ ସହିତ ପୁନରୁଦ୍ଧାର କାର୍ଯ୍ୟର ଶୁଭାରମ୍ଭ

ଜୟପୁର,(ପି.ଏନ): ଜୟପୁର ଜଗନ୍ନାଥ ସାଗରର ଜଳ ନିଷ୍କାସନ ସହିତ ପୁନରୁଦ୍ଧାର କାର୍ଯ୍ୟର ଶୁଭାରମ୍ଭ ହୋଇଛି । ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶୁଭାରମ୍ଭ କରିଛନ୍ତି । କ୍ଷୁଦ୍ର ଜଳ ସେଚନ ବିଭାଗ ଜୟପୁର ଦ୍ୱାରା କ୍ଷୁଦ୍ର ଜଳ ସେଚନ ପ୍ରକଳ୍ପ କାର୍ଯ୍ୟ କରାଯାଇଛି । ୪ କୋଟି ୯୮ ଲକ୍ଷ ଟଙ୍କା ବିନିମୟରେ ୧୧୨୭ ମିଟର ଡ୍ରେନ ନିର୍ମାଣ ହେବା କୁ ଯାଉଛି । ନୁଆ ସାହି ଠାରୁ ଡ୍ରେନ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ । ଏହି କାର୍ଯ୍ୟକ୍ରମରେ କ୍ଷୁଦ୍ର ଜଳ ସେଚନ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ନିହାର ରଞ୍ଜନ ବେହେରା, ଏସଡିଓ ଚିନ୍ମୟ ମଲ୍ଲିକ ପୌର ଅଧକ୍ଷ ନରେନ୍ଦ୍ର କୁମାର ମହାନ୍ତି, ପୌର କାର୍ଯ୍ୟନିବାହୀ ଅଧିକାରି ସିଦ୍ଧାର୍ଥ ପଟ୍ଟନାୟକ, ତହସିଲଦାର ସାଗରିକା ଷଡଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ । ସାଗର ଭିତରେ ଦୂଷିତ ପାଣି ପଶି ପାଣିକୁ ନଷ୍ଟ କରିବା ସହ ସାଗରରେ ସହରର ଅଳିଆ ଆବର୍ଜନା ପାଣି ପଶୁଥିଲା । ଏନେଇ ସହରବାସୀ ଦାବି କରିବା ପରେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ବିଧାନ ସଭାରେ ଦାବି କରିଥିଲେ । ଏହାକୁ ଗୁରୁତର ସହ ନେଇ ସରକାର ପଦକ୍ଷେପ ନେଇଥିଲେ । ଏପରି କାର୍ଯ୍ୟକୁ ଜୟପୁରବାସୀ ପ୍ରଶଂସା କରିଥିବା ଜଣାଯାଇଛି ।

## ଚାପ ମୁକ୍ତ ହୋଇ କାର୍ଯ୍ୟ କରିବା ନିମନ୍ତେ କର୍ମଶାଳା

ମାଲକାନଗିରି, (ପି.ଏନ): କର୍ମକ୍ଷେତ୍ରରେ ବେଳେବେଳେ ଅତ୍ୟଧିକ ଚାପ ସାମ୍ନା କରିବାକୁ ପଡିଥାଏ। ଯଦି ମାନସିକ ସ୍ୱାସ୍ଥ୍ୟର ଯତ୍ନ ନିଆଯାଏ ନାହିଁ, କର୍ମକ୍ଷେତ୍ରରେ କର୍ମଚାରୀଙ୍କ କାର୍ଯ୍ୟଦକ୍ଷତା ପ୍ରଭାବିତ ହୋଇଥାଏ, ଏହା ସହିତ ଘରେ ମଧ୍ୟ ଅପ୍ରୀତିକରତା ଦେଖାଯାଏ । ତେଣୁ କର୍ମଚାରୀମାନଙ୍କୁ ସେମାନଙ୍କର ଭାବନା, କାର୍ଯ୍ୟ ଏବଂ ଚାପ ସ୍ତର ପରିଚାଳନା ପାଇଁ ଜିଲ୍ଲା ପ୍ରଶାସନ ଏବଂ ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ମିଳିତ ଆନୁକୁଲ୍ୟରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଏକ କର୍ମଶାଳା ଆୟୋଜିତ ହୋଇଯାଇଛି। ଏହି କର୍ମଶାଳାରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ରତ୍ନାକର ସାହୁ, ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ, ମହେଶ୍ୱର ଚନ୍ଦ୍ର ନାଏକ, ଅତିରିକ୍ତ ଜିଲ୍ଲାପାଳ, ସାଧାରଣ, ତ୍ରିନାଥ ମାଝୀ, ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ରୁ ବ୍ରହ୍ମ କୁମାରୀ ନିଲମ୍ ଏବଂ ବ୍ରହ୍ମ କୁମାରୀ ଡଃ ରୀନା ମଂଚାସିନ ଥିଲେ। ଏହି କର୍ମଶାଳାରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶ୍ରୀ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରି କହିଥିଲେ ଯେ ବର୍ତମାନ ସମୟରେ ମାନସିକ ସ୍ୱାସ୍ଥ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ପାଲଟିଛି। ନିଜର ଚାପକୁ ନିୟନ୍ତ୍ରଣ କରି କିଭଳି କର୍ମକ୍ଷେତ୍ରରେ ଉତମ ସେବା ଯୋଗାଇ ପାରିବା ସେଥି ନିମନ୍ତେ ଏଭଳି କର୍ମଶାଳା ଆୟୋଜନ କରାଯାଇଛି ବୋଲି ସେ ମତବ୍ୟକ୍ତ କରିଥିଲେ। ଏହି କର୍ମଶାଳାରେ ବ୍ରହ୍ମକୁମାରୀ ରୀନା ଶାନ୍ତିପୂର୍ଣ୍ଣ ଜୀବନଯାପନ ଏବଂ ଉତମ ଶାସନ ନିମନ୍ତେ ଆଧାତ୍ମିକ ଚିନ୍ତାଧାରା ଓ ମୂଲ୍ୟବୋଧର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସମସ୍ତ ଉପସ୍ଥିତ ସଦସ୍ୟ ଚାପ ମୁକ୍ତ ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ କରିବା ସହ ମାନସିକ ଶାନ୍ତି ପାଇଁ ସାମୁହିକ ଯୋଗ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ, ଶ୍ରୀ ନାଏକ ଏହି କାର୍ଯ୍ୟକ୍ରମରେ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କର୍ମଶାଳାରେ ଜିଲ୍ଲାର ସମସ୍ତ ଜିଲ୍ଲା ଅଧିକାରୀମାନେ ଉପସ୍ଥିତ ଥିଲେ।

## ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ତରଫରୁ ଦିବ୍ୟାଙ୍ଗ ସଶକ୍ତି କରଣ ଶିବିର

ଭଦ୍ରକ, (ପି.ଏନ): ଓଡ଼ିଶା ରାଜ୍ୟ ଆଇନ୍ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଭଦ୍ରକ ଦିବ୍ୟାଙ୍ଗମାନଙ୍କ ସଶକ୍ତକରଣ ନିମନ୍ତେ ତା.୨୨.୦୫.୨୦୨୩ ରିଖ ଠାରୁ ତା. ୨୯.୦୫.୨୦୨୩ ରିଖ ପର୍ଯ୍ୟନ୍ତ ଏକ ଅଭିଯାନ କାର୍ଯ୍ୟକ୍ରମ ଚାଲୁ ରହିଛି। ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଅଧକ୍ଷ ଶ୍ରୀ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ଅଧକ୍ଷତାରେ ଏହି ୮ ଦିନ ବ୍ୟାପି ଅଭିଯାନ ସମ୍ପର୍କିତ ଏକ ପ୍ରସ୍ତୁତି ବୈଠକ କରାଯାଇଥିଲା। ଏହି ଅଭିଯାନରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ବ୍ଲକ (ଗୋଷ୍ଠୀ) ସାମାଜିକ ସୁରକ୍ଷା ଅଧିକାରୀମାନେ ତଥା ଅନ୍ୟାନ୍ୟ ଅଧିକାରୀ, ସମସ୍ତଙ୍କ ସହଯୋଗ କ୍ରମେ ଏହି ୮ ଦିନ ବ୍ୟାପୀ ଦ୍ୱାରକୁ ଦ୍ୱାର ବୁଲି ଦିବ୍ୟାଙ୍ଗମାନଙ୍କୁ ଭେଟି ସେମାନଙ୍କ ସମସ୍ୟାକୁ ବୁଝିବା ପାଇଁ ଏବଂ ସେମାନଙ୍କୁ ସଶକ୍ତୀକରଣ କରିବାପାଇଁ ପାରାଲିଗାଲ୍ ଭଲ୍ୟୁ ରମାନଙ୍କୁ ମଧ୍ୟ ଏହି ଅଭିଯାନରେ ସାମିଲ କରାଯାଇଥିଲା। ସେମାନେ ଦ୍ୱାରକୁ ଦ୍ୱାର ବୁଲି ଦିବ୍ୟାଙ୍ଗ ମାନଙ୍କୁ ଭେଟି ସେମାନଙ୍କ ପାଇଁ ସରକାର ଗଠନ କରିଥିବା ବିଭିନ୍ନ ଭ ।, ଯୋଜନା ତଥା ସାହାଯ୍ୟକାରୀ ଉପକରଣ ଏବଂ ଜଣେ ଦିବ୍ୟାଙ୍ଗ ବ୍ୟକ୍ତି ଆଇନ୍ ସେବା ପ୍ରାଧିକରଣ ଅଧିନିୟମ, ୧୯୮୭ ର ଧାରା ୧୨ ଅନୁଯାୟୀ ମାଗଣା ଆଇନ୍ ସେବା ପାଇବା ପାଇଁ ଯୋଗ୍ୟ ଅଟନ୍ତି, ଏସବୁକୁ ଦିବ୍ୟାଙ୍ଗମାନଙ୍କୁ ବୁଝାଇବା ସହ ସେମାନଙ୍କୁ କିପରି ଶିଘ୍ର ସାହାଯ୍ୟ ଯୋଗାଯାଇ ପାରିବ ସେ ସମ୍ବନ୍ଧରେ ମଧ୍ୟ ସଂପୃକ୍ତ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଏହା ସହିତ ଦିବ୍ୟାଙ୍ଗମାନଙ୍କ ସଶକ୍ତୀକରଣ ନିମି ଆଜି ପୁନର୍ବାସ ସେବା ଓ ଅନୁସନ୍ଧାନ କେନ୍ଦ୍ର, ଭଦ୍ରକ (ସି.ଆର.ଏସ୍.ଆର) ଠାରେ ଅନୁଷ୍ଠିତ କରାଯାଇ ୨୩ଜଣ ଦିବ୍ୟାଙ୍କଙ୍କୁ ସେମାନଙ୍କର ସାହାଯ୍ୟକାରୀ ଉପକରଣ ବ ନ କରାଯାଇଥିଲା। ଏହି ଶିବିରରେ ଶ୍ରୀମତୀ ନେହା ଅଗ୍ରୱାଲ, ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣର ସଚିବ ଶ୍ରୀ ପବିତ୍ର କୁମାର ଦାସ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ଭଗବାନ ପରିଡ଼ା, ପରିଚାଳକ (ସି.ଆର.ଏସ୍.ଆର) ଉପସ୍ଥିତ ରହି ଦିବ୍ୟାଙ୍ଗମାନଙ୍କ ସମସ୍ୟା ବୁଝିବା ସହ ସେମାନଙ୍କର ଆବଶ୍ୟକୀୟ ସାହାଯ୍ୟକାରୀ ଉପକରଣ ଦେବା ସହ ନିକଟ ଭବିଷ୍ୟତରେ ଆଉ ଯାହା ସମସ୍ୟା ଅଛି ସେ ସବୁକୁ ଶିଘ୍ର ସମାଧାନ କରିବା ପାଇଁ ପ୍ରତିଶୃତି ଦେଇଥିଲେ। ଏଥି ସହିତ ରାଜ୍ୟ ଆଇନ୍ ସେବା ପ୍ରାଧିକରଣ, କଟକ ଜାରିକରିଥିବା ଟୋଲ ଫ୍ରି ହେଲ୍ପ ଲାଇନ୍ ନମ୍ବର ୧୮୦୦୩୪୫୬୭୫୬୭୧ ମଧ୍ୟ ପ୍ରଚାର କରାଯାଇଥିଲା।

## ଜିଲ୍ଲା ଆଇନସେବା ପ୍ରାଧିକରଣ ଦ୍ୱାରା ମାଧ୍ୟମରେ କଠିନ ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କିତ ଆଇନ ସଚେତନତା ଶିବିର

ଜୟପୁର,(ପି.ଏନ): ଜିଲ୍ଲା ଆଇନ ସେବା ପ୍ରାଧିକରଣ, କୋରାପୁଟ-ଜୟପୁର ଆନୁକୁଲ୍ୟରେ "କଠିନ ବର୍ଜ୍ୟବସ୍ତୁ ପରିଚାଳନା" ସମ୍ପର୍କିତ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ କଠିନ ବର୍ଜ୍ୟବସ୍ତୁର ପରିଚାଳନା କିପରି କରାଯାଇ ତାହାର ସଦୁପଯୋଗ କରାଯିବ ସେହି ବିଷୟରେ ଉପସ୍ଥିତ ଥିବା ଗ୍ରାମବାସୀଙ୍କୁ ସଚେତନତା କରାଇଥିଲେ । ଏହା ବ୍ୟତୀତ କଠିନ ବ୍ୟର୍ଜ ବସ୍ତୁ ଏବଂ ତରଳ ବର୍ଜ୍ୟବସ୍ତୁକୁ କିପରି ଅଲଗା ରଖି ତାହାର ନିଷ୍କାସନ କରାଯାଇ ପାରିବ ତାହା ଉପରେ ବିସ୍ତୃତ ଭାବେ ଆଲୋଚନା କରୁଥିଲେ। ଏତତବ୍ୟତୀତ କିଶୋର ନ୍ୟାୟ (ଶିଶୁମାନଙ୍କର ଯନ ଓ ସୁରକ୍ଷା) ଅଧିନିୟମ, ବାଧ୍ୟତାମୂଳକ ଶିକ୍ଷାଗତ ଅଧିକାର ଅଧିନିୟମ, କନ୍ୟା ସନ୍ତାନର ମହତ୍ୱ , ପ୍ରାକ ଗର୍ଭଧାରଣ ଓ ପ୍ରାକ ପ୍ରସୂତି ନିଦାନ କୌଶଳ (ଲିଙ୍ଗ ଚୟନ ନିଷେଧ ) ଅଧିନିୟମ ଉପରେ ଅବଗତ କରିଥିଲେ । ପାରିବାରିକ ଘରୋଇ ହିଂସା, ଯୌତୁକ ନିର୍ଯ୍ୟାତନା, ଲୀଙ୍ଗ ଚୟନ ଏହିସବୁ କ୍ଷେତ୍ରରେ କିପରି ଜଣେ ମହିଳା ନିଜକୁ ସୁରକ୍ଷା କରିବେ ସେହି ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ । ଶେଷ ରେ ଆଇନ ସେବା ପ୍ରାଧିକରଣ ର ସଚିବ ସରକାରଙ୍କ ଦ୍ୱାରା ପ୍ରଦତ ବିଭିନ୍ନ ଜନମଙ୍ଗଳକକାରୀ ଯୋଜନା ସମ୍ପର୍କରେ ବିସ୍ତୃତ ଭାବରେ ସଚେତନତା କରିବା ସଙ୍ଗେ ସଙ୍ଗେ ଆଇନସେବା ପ୍ରାଧିକରଣ ର କାର୍ଯ୍ୟକ୍ରମ ଯେପରି ମାଗଣା ଆଇନସେବା, ମଧ୍ୟସ୍ଥତା ଓ ଆପୋସ ମିଳାମିଶା ମାଧ୍ୟମରେ ମାମଲା ର ସମାଧାନ ଏବଂ ଜାତୀୟ ଆଇନ ସେବାପ୍ରାଧିକରଣ ଦ୍ୱାରା ପ୍ରଦତ ୧୦ଟି ନୂଆ ଯୋଜନା ସମ୍ପର୍କରେ ମଧ୍ୟ ବିସ୍ତୃତ ଆଲୋଚନା କରିଥିଲେ। ।

## ହାଇବ୍ରିଡ୍ ନଡିଆ ଓ ମାଛ ଚାଷ ପାଇଁ ଚାଷୀମାନଙ୍କୁ ତାଲିମ

କେନ୍ଦ୍ରାପଡ଼ା,(ପି.ଏନ): ନାବାର୍ଡ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେଡା ଆନୁକୂଲ୍ୟରେ ମାଛ ଚାଷ ଏବଂ ନଡିଆ ଚାଷ ସହିତ ନଡିଆ ଚାରା ପ୍ରସ୍ତୁତି ପାଇଁ ଏକ ଶୁଭ ଉଦ୍‌ଘାଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ନାବାର୍ଡ ଡି.ଡି.ଏମ୍ ଅଶୋକ କୁମାର ଆଚାର୍ଯ୍ୟଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ପିତାମ୍ବର ସାମଲ(ସାଧାରଣ) ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ଏଲ.ଡି.ଏମ ମଳୟ କୁମାର ମିତ୍ର, ଓ.ୟୁ.ଏ.ଟି ର ଅବସର ପ୍ରାପ୍ତ ପ୍ରଫେସର ଡ଼ଃ ଶରତ ସାହୁ, କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ପ୍ରଭଞ୍ଜନ ମିଶ୍ର, ଡ଼ଃ ନମିତା ଦାସ, ମାନସ ରଞ୍ଜନ ବେହେରା, ଉଦ୍ୟାନ କୃଷି ବିଭାଗର ସହକାରୀ ନିର୍ଦ୍ଦେଶକ ଦେବଦାସ ଦତ ଏବଂ ସେଡାର ସଂପାଦକ ଈଶ୍ୱର ଚନ୍ଦ୍ର ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ହୋଇ ଏହି ତାଲିମ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଢୋଲ ପଂଚାୟତ ୩୫ ଜଣ ନଡିଆ ଓ ମତ୍ସ୍ୟଚାଷୀଙ୍କୁ ହାଇବ୍ରିଡ୍ ନଡିଆ ଚାରା ଓ ମାଛ ଚାଷ ସଂପର୍କରେ ବିସ୍ତୃତ ଭାବରେ ଆଲୋଚନା କରା ଯାଇଥିଲା । ଏହି କାର୍ଯ୍ୟକ୍ରମ ନଡିଆ ଚାରା ଆମଦାନୀ ଠାରୁ ଫଳ ହେବା ପର୍ଯ୍ୟନ୍ତ ସମସ୍ତ ଚାଷୀଙ୍କୁ ସହଯୋଗ କରାଯିବ ବୋଲି ଜଣାପଡିଛି । କାର୍ଯ୍ୟକ୍ରମରେ ସେଡାର ସଂଯୋଜକ ମଣ୍ଟୁ ବାରିକ ସହ ଯୋଗ କରିଥିଲେ।

## ଡ଼ିଭାଇଡ଼ରରେ ପିଟି ହୋଇ ବାଇକ ଆରୋହୀ ଗୁରୁତର

କୋରେଇ,(ପି.ଏନ):ପାଣିକୋଇଲି ଥାନା ଅନ୍ତର୍ଗତ୧୬ ନମ୍ବର ଜାତୀୟ ରାଜପଥର ସଠିପୁର ଓଭରବ୍ରିଜ ଉପରେ ଡ଼ିଭାଇଡ଼ରରେ ପିଟି ହୋଇ ଏକ ବାଇକ ଚାଳକ ଗୁରୁତର ଆହତ ହୋଇଥିବାର ଜଣାପଡ଼ିଛି। ବାଇକ ଚାଳକ ଜଣକ ବଡ଼ଚଣା ଥାନା ଅନ୍ତର୍ଗତ ସୁଙ୍ଗୁଡ଼ା ଗ୍ରାମର ସନ୍ଦୀପ ଜେନା (୩୫) ବୋଲି ଜଣାପଡିଛି । ସନ୍ଦୀପ ବାଇକ ଯୋଗେ ଭଦ୍ରକ ଯାଉଥିବା ସମୟରେ ସଠିପୁର ଠାରେ ଭାରସାମ୍ୟ ହରାଇ ଡିଭାଇଡରେ ପିଟି ହୋଇଥିଲେ । । ତେବେ ଦୁର୍ଘଟଣାଟି କିଭଳି ହେଲା ଜଣାପଡିନଥିବା ବେଳେ ଏନଏଚ ପେଟ୍ରୋଲିଂ ପୁଲିସ ତାଙ୍କୁ ଉଦ୍ଧାର କରି ଜାତୀୟ ରାଜପଥ ଆମ୍ବୁଲାନ୍ସ ଯୋଗେଁ ଯାଜପୁର ମୂଖ୍ୟ ଚିକିତ୍ସାଳୟକୁ ପଠାଇଛି।

## ଅଜଣା ରୋଗ ନେଲାଣି ୭ ଜୀବନ, ଗୁଣିଆ ଭରଷାରେ ଗ୍ରାମବାସୀ

ମାଲକାନଗିରି, (ପିଏନ)- ମାଲକାନଗିରି ଜିଲ୍ଲାର କାଲିମେଳା ବ୍ଲକ ଅନ୍ତର୍ଗତ ଦୁର୍ଗମ ସାନଟେକଗୁଡା ଗ୍ରାମରେ ଅଜଣା ରୋଗରେ ଯାଇଛି ୭ ଗ୍ରାମବାସୀଙ୍କ ଜୀବନ । ଗ୍ରାମରେ ଏହି ଘଟଣାକୁ ନେଇ ଏକ ପ୍ରକାର ଆତଙ୍କ ଖେଳିଯାଇଥିବା ବେଳେ ଗୁଣିଆ ସାଜିଛି ଏକ ମାତ୍ର ସାହା ଭରସା ! କାଲିମେଳା ବ୍ଲକ ଦୂର୍ଗମ ଅଂଚଳ ଭାବରେ ପରିଚିତ ସାନଟେକଗୁଡା ଗ୍ରାମରେ ୫୨ ଆଦିବାସୀ ସମ୍ପ୍ରଦାୟ ର ଲୋକେ ବସବାସ କରୁଛନ୍ତି ! ସେମାନଙ୍କ ପାଇଁ ବିଶୁଦ୍ଧ ପାଣି ସାତସପନ ପାଲଟିଛି। ଗ୍ରାମରେ ଥିବା ନଳକୂଅ ପାଣି ପିଇବା ଉପଯୋଗି ନୁହେଁ । ସେଥିରେ ନାଲି ରଙ୍ଗର ଗୋଳିଆ ପାଣି ବାହାରୁଛି । ଲୋକ ମାନେ ବାଧହୋଇ ଏହି ଗୋଳିଆ ପାଣି ପିଇ ମୃତ୍ୟୁମୁଖରେ ପଡୁଥିବାର ଦେଖିବାକୁ ମିଳିଛି ।ଏଥି ସହିତ ଗ୍ରାମବାସୀମାନେ ନିକଟସ୍ଥ ନାଳ ଓ ଝରଣା ପାଣି ମଧ୍ୟ ପିଇବାକୁ ବାଧ ହେଉଛନ୍ତି। ଗ୍ରାମରେ ୩ ବର୍ଷ ତଳେ ୨ଲକ୍ଷ ଟଙ୍କା ବ୍ୟୟରେ ଏକ ପାନୀୟ ଜଳ ପ୍ରକଳ୍ପ ହୋଇଥିଲେ ମଧ୍ୟ ତାହା ଏବେ ଅକାମୀ ହୋଇପଡ଼ି ରହିଛି। ଫଳରେ ସାନଟେକଗୁଡା ଗ୍ରାମବାସୀ ବିଶୁଦ୍ଧ ପାଣି ଟୋପାଏ ପାଇପାରୁ ନଥିବାର ଅଭିଯୋଗ କରିଛନ୍ତି। ଏହି ଦୂଷିତ ପାଣି ପିଇ ପ୍ରାୟ ୨ମାସଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କ ଜୀବନ ଗଲାଣି। -ସାନଟେକଗୁଡା ଗ୍ରାମରେ ଗତ ୨ମାସ ଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କର ଜୀବନ ଯାଇଥିଲେ ମଧ୍ୟ ଲୋକମାନେ ଏବେ ବି ସଚେତନ ହୋଇନାହାନ୍ତି। ପାଣି ପିଇ ଯଦି କାହାର ଦେହ ଖରାପ ହୁଏ ଗୁଣିଆ ଦ୍ୱାରା ରୋଗୀମାନଙ୍କୁ ଝଡାଫୁଙ୍କା କରା ଯାଉଥିବାର ଦୃଶ୍ୟ ଦେଖିବାକୁ ମିଳିଛି। ଲୋକମାନେ ଡ଼ାକ୍ତରଖାନାଯିବା ପରିବର୍ତେ ଗୁଣିଆ ନିକଟକୁ ଯିବାର ଦେଖି ବାକୁ ମିଳିଛି। ଏହି ଗ୍ରାମବାସୀଙ୍କ ନିକଟରେ ଏ ପର୍ଯ୍ୟନ୍ତ ପହଂଚି ନାହିଁ ନି କୋଣସି ସରକାରୀ ସଚେତନତା। ଯାହା ଫଳରେ ଏହି ଗ୍ରାମରେ ଲୋକମାନେ ଗୁଣିଗାରେଡି ଉପରେ ଭରସା କରି ଆସୁଛନ୍ତି ।

## ଜିଲ୍ଲା ସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ, ସମସ୍ତ ଆଶ୍ରୟସ୍ଥଳୀରେ ସର୍ବନିମ୍ନ ମୌଳିକ ସୁବିଧା ଉପଲବ୍ଧ ଉପରେ ଗୁରୁତ୍ୱାରୋପ

ଭଦ୍ରକ, (ପି.ଏନ):- ସମ୍ଭାବ୍ୟ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ରିଲିଫ୍, ଉଦ୍ଧାର, ଥଇଥାନ ଆଦି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟର ସୁପରିଚାଳନା ପାଇଁ ଭଦ୍ରକ ଜିଲ୍ଲା ପ୍ରଶାସନ ଅନୁକୂଲ୍ୟରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲା ସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟିର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟିର ଅଧକ୍ଷ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧକ୍ଷତାରେ ଆୟୋଜିତ ଏହି ବୈଠକରେ ଜିଲ୍ଲା ଯୋଗାଣ ବୋର୍ଡ଼ର ଅଧକ୍ଷ ବିଧାୟକ ଚନ୍ଦବାଲି ଡ. ବ୍ୟୋମକେଶ ରାୟ, ଭଦ୍ରକ ସାଂସଦ ମଂଜୁଲତା ମଣ୍ଡଳ, ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ, ଭଦ୍ରକ ବିଧାୟକ ସଂଜୀବ ମଲ୍ଲିକ୍, ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ଧାମନଗର ବିଧାୟକ ସୁରଜ ସୂର୍ଯ୍ୟବଂଶୀ, ଜିଲ୍ଲାପରିଷଦର ସଭାପତି ପ୍ରଫୁଲ୍ଲ କୁମାର ଜେନା, ପୂର୍ବତନଧାମନଗର ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତି, ଜିଲ୍ଲା ପରିଷଦର ଉନ୍ନୟନ ଅଧିକାରୀ ପ୍ରତାପ ପ୍ରିତୀମୟ ଯୋଗଦେଇ ଆଲୋଚନାରେ ସମସ୍ୟା ଓ ସମସ୍ୟାର ସମାଧାନ ପାଇଁ ଗୁରୁତ୍ୱପୂର୍ଣ୍ଣ ମତାମତ ରଖିଥିଲେ। ବିପର୍ଯ୍ୟୟ ପରିଚାଳନା ନେଇ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ସମ୍ବନ୍ଧରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ମହାନ୍ତି ପାୱାର ପଏ ଜରିଆରେ ଉପସ୍ଥାପନ କରିଥିଲେ ଏବଂ ସେହି ଆଧାରରେ ସମୀକ୍ଷା କରାଯାଇଥିଲା। ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନାରେ ଜୋନ୍, ସବ୍‌ଜୋନ୍ ଗଠନ ଓ ସଂପୃକ୍ତ ଅଧିକାରୀ ମାନଙ୍କୁ ଦାୟିତ୍ୱ ଅର୍ପଣ, ସରକାରୀ ଯନ୍ତ୍ର ଚାଳିତ ଡ଼ଙ୍ଗାର ସ୍ଥିତି, ନିୟନ୍ତ୍ରଣ କକ୍ଷ, ଅସ୍ଥାୟୀ ବେତାର କେନ୍ଦ୍ର, ଦୁର୍ବଳ ନଦୀବନ୍ଧ ଚିହ୍ନଟ ଓ ପ୍ରତିକାର, ପାନୀୟ ଜଳ ଯୋଗାଣ, ବର୍ଷାଜଳ ନିଷ୍କାସନ, ଦୁର୍ଗମ ସ୍ଥାନରେ ଖାଦ୍ୟ, ଅତ୍ୟାବଶ୍ୟକୀୟ ସାମଗ୍ରୀ ମହଜୁଦ୍, ସ୍ୱାସ୍ଥ୍ୟସେବା ସମ୍ବନ୍ଧୀୟ ଆଗୁଆ ପଦକ୍ଷେପ, ପଶୁ ଚିକିତ୍ସା ଓ ପଶୁଖାଦ୍ୟ ମହଜୁଦ୍, କୃଷି, ବାତ୍ୟା ଓ ବନ୍ୟା ଆଶ୍ରୟ ସ୍ଥଳୀର ମରାମତି, ବର୍ଷା ପରିମାପକ ଯନ୍ତ୍ରର ଅବସ୍ଥା ଆଦି ସମ୍ବନ୍ଧରେ ପଙ୍ଖାନୁପୁଙ୍ଖ ତଦନ୍ତ କରାଯାଇ ତଦ୍‌ଜନିତ ସମସ୍ୟାର ସମାଧାନ ଓ ସମ୍ଭାବ୍ୟ ବିପର୍ଯ୍ୟୟ ପାଇଁ ପୂର୍ଣ୍ଣ ପ୍ରସ୍ତୁତି ନିମି ନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା। ବିଶେଷ କରି ବନ୍ୟା ବାତ୍ୟା ଭଳି ପ୍ରାକୃତିକ ଦୁର୍ବିପାକ ବେଳେ ସ୍ଥାନାନ୍ତର ପ୍ରକ୍ରିୟାରେ ହଜାର ସଂଖ୍ୟାରେ ଲୋକଙ୍କୁ ଆଣି ବାତ୍ୟାଶ୍ରୟରେ ରଖାଯିବା ସମୟରେ ପାନୀୟ ଜଳ, ଶୌଚାଳୟ, ରନ୍ଧାଖାଦ୍ୟ ଓ ଚୂଡ଼ା ପ୍ରଦାନରେ ଘୋର ଅସୁବିଧା ଦେଖାଦେଉଥିବା ଜିଲ୍ଲା ଯୋଜନାବୋର୍ଡ଼ ଅଧକ୍ଷ ଶ୍ରୀଯୁକ୍ତ ରାୟ ଉତ୍‌ଥାପନ କରିଥିଲେ। ଏହି ସମୟରେ ଜନସାଧାରଣ ପ୍ରଶାସନ ଓ ଜନପ୍ରତିନିଧି ମାନଙ୍କ ଉପରେ ହିଁ ନିର୍ଭର ଶୀଳ ହୋଇଥାନ୍ତି ବୋଲି ସେ ପ୍ରକାଶ କରିଥିଲେ। ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ଭଦ୍ରକ ଜିଲ୍ଲା ବିପର୍ଯ୍ୟୟ ପରିଚାଳନାରେ ସର୍ବଶ୍ରେଷ୍ଠ ଜିଲ୍ଲା ହେଉବୋଲି ଭଣ୍ଡାରୀପୋଖରୀ ବିଧାୟକ ଶ୍ରୀଯୁକ୍ତ ସାମଲ ପ୍ରକାଶ କରିଥିଲେ। ଭଦ୍ରକ ଜିଲ୍ଲାରେ ପାଣିପାଗ କେନ୍ଦ୍ର ସ୍ଥାପନ ନେଇ ଭାରତୀୟ ପାଣିପାଗ ବିଭାଗ ନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ରଙ୍କୁ ପ୍ରସ୍ତାବ ଦିଆଯିବା ନେଇ ସାଂସଦ ଶ୍ରୀମତୀ ମଣ୍ଡଳ ସୂଚନା ପ୍ରଦାନ କରିଥିଲେ। ନାଜର ନଳା ସଫେଇ ଏବଂ ଅଧିକ ବର୍ଷାଜଳ ନିଷ୍କାସନ ପାଇଁ ମ୍ୟୁନିସ୍‌ପାଲିଟି, ଡ୍ରେନେଜ ଓ ପୂ ବିଭାଗ ଅଧିକାରୀମାନଙ୍କୁ ଭଦ୍ରକ ବିଧାୟକ ଶ୍ରୀଯୁକ୍ତ ମଲ୍ଲିକ୍ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଆଲୋଚନା ଅନୁଯାୟୀ ସମସ୍ତ ନିଷ୍ପି ଉପରେ ତୃଣମୂଳସ୍ତରରେ କାର୍ଯ୍ୟକାରୀ ହେବା ଓ ବିପର୍ଯ୍ୟୟ ମୁକାବିଲା ପାଇଁ ଅଧିକ ପ୍ରସ୍ତୁତିର ଆବଶ୍ୟକତା ଅଛିବୋଲି ବାସୁଦେବପୁର ବିଧାୟକ ଶ୍ରୀଯୁକ୍ତ ରାୟ ପ୍ରକାଶ କରିଥିଲେ। କେତେକ ଆଶ୍ରୟ ସ୍ଥଳକୁ ଆପ୍ରୋଚରୋଡ଼ ନଥିବା, ଲୁଣା ହାୱା ଯୋଗୁଁ ନଷ୍ଟ ହେଉଥିବା ଆଶ୍ରୟସ୍ଥଳୀକୁ ଉପଯୁକ୍ତ ରକ୍ଷଣାବେକ୍ଷଣା ଦିଗରେ ଧ୍ୟାନଦେବା ପାଇଁ କୁହାଯାଇଥିଲା। ବନ୍ୟା ସମସ୍ୟା ଦୂରପାଇଁ ନଦୀବନ୍ଧ ଚିହ୍ନଟ କରାଯାଇ ପ୍ରତିକାର କରାଯିବା ଓ ବିଶେଷ କରି ମନୁଷ୍ୟ ଓ ପ୍ରାଣୀମାନଙ୍କ ପାଇଁ ସାପକାମୁଡ଼ା ଜନିତ ଚିକିତ୍ସା ପାଇଁ ଯେଥେଷ୍ଟ ଔଷଧ ମହଜୁଦ୍ ପାଇଁ ସୁରଜ ସୂର୍ଯ୍ୟବଂଶୀ ପ୍ରସ୍ତାବ ଦେଇଥିଲେ। ବୈଠକରେ ପ୍ରଦ ତଥ୍ୟ ଅନୁଯାୟୀ ବିପର୍ଯ୍ୟୟ ସୁପରିଚାଳନା ପାଇଁ ଭଦ୍ରକ ଜିଲ୍ଲାକୁ ୧୨ଟି ଜୋନରେ ଭାଗ କରାଯାଇଛି। ୭ ଟି ବ୍ଲକ୍ ୪ ଟି ପୌରା ଳ ଓ ଧାମରାକୁ ଗୋଟି ଗୋଟିଏ ଜୋନ୍ ଭାବେ ନିଆଯାଇଛି। ଜିଲ୍ଲାରେ ଥିବା ବାତ୍ୟା ଆଶ୍ରୟ ସ୍ଥଳୀ ୬୦ଟି, ବନ୍ୟା ଆଶ୍ରୟ ସ୍ଥଳୀ ୨୪ଟି, ଏସ୍.ଆର.ସିଙ୍କ ଅଧିନରେ ଏବଂ ରେଡ଼କ୍ରସ ବାତ୍ୟାଶ୍ରୟସ୍ଥଳୀ ୨୦ଟି ସମୁଦାୟ ୧୦୪ ଟି ଆଶ୍ରୟସ୍ଥଳୀକୁ ବ୍ୟବହାର ପାଇଁ ପ୍ରସ୍ତୁତ ରଖାଯାଇଛି। ଉଦ୍ଧାର ଓ ରିଲିଫ୍ କାର୍ଯ୍ୟପାଇଁ ୩୩ ଟି ସରକାରୀ ଯନ୍ତ୍ରୀଚାଳିତ ଡ଼ଙ୍ଗା ଠିକ୍ ଥିବାବେଳେ ଦେଶିଡ଼ଙ୍ଗା ମଧ୍ୟ ଯୋଗାଯୋଗରେ ରଖାଯାଇଥିବା ସୂଚନା ପ୍ରଦାନ କରାଯାଇଥିଲା। ଜିଲ୍ଲା ଜରୁରୀକାଳୀନ ଅଧିକାରୀ ମନୋରମା ଜାଲି ପ୍ରାରମ୍ଭିକ ସୂଚନା ଦେବା ସହିତ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ସମସ୍ତ ବ୍ଲକ ଓ ପୌରା ଳ ଅଧକ୍ଷ, କାର୍ଯ୍ୟନିର୍ବାହୀ ଅଧିକାରୀ, ସମସ୍ତ ବିଡ଼ିଓ, ତହସିଲଦାର, ଜିଲ୍ଲାପରିଷଦ ସଦସ୍ୟ, ଜିଲ୍ଲାସ୍ତରୀୟ ସମସ୍ତ ବିଭାଗୀୟ ଅଧିକାରୀ ଏହି ବୈଠକରେ ଉପସ୍ଥିତ ଥିଲେ। ବିଭାଗୀୟ କର୍ମଚାରୀ ଅମ୍ଳାନ ଅମିତାଭ ସେନାପତି, ଅରବିନ୍ଦ ବେହେରା, ଭାବଗ୍ରାହୀ ପଣ୍ଡା ପ୍ରମୁଖ ଆନୁସଙ୍ଗିକ ସହଯୋଗ କରିଥିଲେ।



2023-2024
ADMISSION OPEN
Maharishi Public School, Baripada
STD-NURSERY TO VIII
ENROLL YOUR CHILD TODAY
Special discount for new admission before 15.03.2023
Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.
25% reservation as per RTE Act (2009)
MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

ଖେଳ
ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ
Bhubaneswar Friday May 26, 2023 ଭୁବନେଶ୍ୱର ଶନିବାର, ମଇ ୨୬,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


# ଗଞ୍ଜେଇ ଚାଲାଣ ବେଳେ ପୋଲିସ କନେଷ୍ଟବଲଙ୍କ ସମେତ ୭ ଜଣ ଗିରଫ



ମାଲକାନଗିରି ଓଡା,(ପି.ଏନ): ଗଞ୍ଜେଇ ଚୋରା ଚାଲାଣ ବେଳେ କାଲିମେଳା ପୋଲିସ ଜଣେ ତେଲେଙ୍ଗାନା ପୋଲିସ କନେଷ୍ଟବଲ ଆଉ ଶ୍ରୀନୁ ନାୟକ ସମେତ ୭ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣା ପଡିଛି ଓ ପ୍ରାପ୍ତ ସୂଚନାରୁ ଜଣା ପଡିଛି ଯେ,କାଲିମେଳା ଥାନା ଅଧିକାରୀ ସୂର୍ଯ୍ୟପ୍ରକାଶ ନାୟକଙ୍କ ନେତୃତ୍ୱରେ ବୁଧବାର ରାତିରେ ପାଟ୍ରୋଲିଂ କରୁଥିବା ବେଳେ ପୋଲିସ କମଳାପଦର ଘାଟିରୁ ସନ୍ଦେହରେ ୨ଟି କାରକୁ ଜବତ କରିଥିଲା ଓ ଉକ୍ତ କାର ଦୁଇଟିକୁ ତଦନ୍ତ କରା ପରେ ଡିକି ଭିତରୁ ୧୦୩କିଲୋ ଗଞ୍ଜେଇ ଥିବାର ଜଣା ପଡିଥିଲା ଓ ଗୋଟିଏ କାରରେ ୩ ଜଣ ବ୍ୟକ୍ତି ବସିଥିବା ବେଳେ ଅନ୍ୟ ଗାଡିରେ ୪ଜଣ ବ୍ୟକ୍ତି ବସିଥିଲେ ଓ ସାତ ଜଣ ଅଭିଯୁକ୍ତଙ୍କୁ କାଲିମେଳା ଥାନାକୁ ଆଣି ପଚରା ଉଚରା କଲା ପରେ ଜଣା ପଡିଲା ଯେ ସେମାନଙ୍କ ମଧ୍ୟରୁ ଜଣେ ତେଲେଙ୍ଗାନା ରାଜ୍ୟର ଜଣେ ପୋଲିସ କନେଷ୍ଟବଲ ଓ ସେହିପରି ଅନ୍ୟ ଜଣେ ପୋଲିସ କନେଷ୍ଟବଲଙ୍କ ସଂପର୍କୀୟ ଭାଇ ବୋଲି ଜାଣା ପଡିଛି ଓସେମାନଙ୍କ ଠାରୁ ୧୦୩ କିଲୋ ଗଞ୍ଜେଇ, ଏହି ୨ଟି କାର,୩ଟି ଆଇଫୋନ, ୩ଟି ସ୍ମାର୍ଟ ଫୋନ ପୋଲିସ ଜବତ କରି ୭ଜଣ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ଆଜି କୋର୍ଟ ଚାଲାଣ କରାଯାଇଛି ଓ ୭ଜଣ ଗିରଫ ଅଭିଯୁକ୍ତମାନେ ହେଲେ ତେଲେଙ୍ଗାନାର ରଙ୍ଗାରେଡି ଜିଲ୍ଲା ଅନ୍ତର୍ଗତ ଲାଲବାହାଦୁର ନଗରର ଆର ଶ୍ରୀନୁ ନାୟକ (ତେଲେଙ୍କାନା ପୋଲିସ କନେଷ୍ଟବଲ-୮୧୫୫ଏଆର), ରଙ୍ଗାରେଡି ଜିଲ୍ଲା ଅନ୍ତର୍ଗତ ମିରପେଟ ଅଞ୍ଚଳର କେ ବିଜୟ ନାୟକ, ମହାରାଷ୍ଟ୍ରର ଉସମାନବାଦ ଅଞ୍ଚଳର ବାଲୁ ଯାଦବ, କାଲିମେଳା ଦୁଲାଗାଣ୍ଡି ଗ୍ରାମର କେ.ଲକ୍ଷ୍ମଣ, ଆନ୍ଧ୍ରପ୍ରଦେଶର ଗୁଣ୍ଟୁର ଅଞ୍ଚଳର ଆର. କାର୍ତ୍ତିକ, ଆର ରାଜୀବ ଏବଂ ଏନ୍ ବେଣୁ ଗୋପାଳ ବୋଲି କାଲିମେଳା ପୋଲିସ ସୂତ୍ରରୁ ଜଣାପଡିଛି ।

# ଗୁଆଝରରେ ଚନ୍ଦନ ଉତ୍ସବ ପାଳିତ



ଭୁବନେଶ୍ୱର,(ପି.ଏନ): ପ୍ରତିବର୍ଷପରି ଶ୍ରୀ ଶ୍ରୀ ଲିଙ୍ଗରାଜଙ୍କ ବିବାହ ଉତ୍ସବ ଗୁଆଝର ଏବଂ ଶୀତଳଷଷ୍ଠୀ କମିଟି ପକ୍ଷରୁ ବହୁବର୍ଷ ଧରି ଜଟଣୀ ବିଧାୟକ ଶ୍ରୀ ସୁରେଶ କୁମାର ରାଉତରାୟଙ୍କ ଆବାହକତ୍ୱରେ ପାଳିତ ହୋଇଆସୁଛି । ଗତକାଲି ଗୁଆଝରକୁ ଆଲୋକ ଏବଂ ପୁଷ୍ପରେ ସଜ୍ଜିତ କରାଯାଇଥିଲା । ଗୁଆଝର ପାଣିକୁ ପଦ୍ମପତ୍ର, ପଦ୍ମଫୁଲ, ମଲ୍ଲିଫୁଲ ଏବଂ ବେଲୁନରେ ସଜାଯାଇଥିଲା । ଶ୍ରଦ୍ଧାଳୁମାନଙ୍କୁ ସାବୁନ, ନୂଆଗାମୁଛା ସ୍ନାନ ପାଇଁ ଦିଆଯାଇଥିଲା । ସମସ୍ତେ ଚନ୍ଦନ ବୋଳିହୋଇଥିଲେ ଓ ମଲ୍ଲିମାଳ ବେକରେ ପକେଇଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମ ଯଥା ଗଜଲ, ଭଜନ କରାଯାଇଥିଲା ଏବଂ ଭୋଜନର ବ୍ୟବସ୍ଥା କରାଯାଇଥିଲା । ଏହି ଉତ୍ସବରେ ମନ୍ତ୍ରୀ ଅଶୋକ ପଣ୍ଡା, ମେୟର ସୁଲୋଚନା ଦାସ, ଡେପୁଟି ମେୟର, ପ୍ରସାଦ ହରିଚନ୍ଦନ, ସିର୍ଦ୍ଧାଥ ରାଉତରାୟ, ବିଜୟ ପଟ୍ଟନାୟକ, ଶିବାନନ୍ଦ ରାୟ, ଅରୁପ ପଟ୍ଟନାୟକ, ଖଦିବୋର୍ଡ଼ ଚେୟାରମ୍ୟାନ ସଂଗ୍ରାମ ପାଇକରାୟ, ଟୁରିଜିମ ଚେୟାରମ୍ୟାନ ଲଳିନ ମହାନ୍ତି, ଶୁଭେନ୍ଦୁ ମହାନ୍ତି, ନବଜ୍ୟୋତି ପଟ୍ଟନାୟକ, ଶ୍ରୀପତି ପତି (କାଳୁ), ବାବୁ ସିଂ, ବାବୁନା ପଡ଼ିଆରୀ, ଶ୍ରୀପତୀ ଗରାବଡୁ, ସର ରଥ, କାଳୁ ପ୍ରଧାନ, ଲିଙ୍ଗରାଜ ସାହୁ, ଶିବ ବେହେରା, ପ୍ରକାଶ ଜେନା, ଲଳିତେନ୍ଦୁ ମହାପାତ୍ର, ଜୟକୃଷ୍ଣ ମଲ୍ଲିଆ, ବିଷ୍ଣୁପ୍ରସାଦ ମୁଦୁଲି, ମିଟୁ ମହାପାତ୍ର, ତପନ ଚକ୍ରବର୍ତୀ, ଦିଲୀପ ମିଶ୍ର, କୃଷ୍ଣ ପାତ୍ର, ଶିବ ସାହୁ, ସୁଧାଂଶୁ ପଟ୍ଟନାୟକ, କେଦାର ନାଥ ମହାପାତ୍ର, ଚିନ୍ମୟ ମହାନ୍ତି, ନୌସର ଅଲ୍ଲି, ଅଶୋକ ମଙ୍ଗରାଜ, କଳିଙ୍ଗ ସାହୁ, ବୃନ୍ଦାବନ ସାହୁ, ଚିନ୍ମୟ ସୁନ୍ଦର ଦାସ, ଦେବରାଜ ବେହେରା, ମିହିର ଆଚାର୍ଯ୍ୟ, ସୁନିଲ ରାଉତରାୟ, ମନୋରନ ଦାଶ, ଗଦାଧର ଗରାବଡୁ, ସନତ ମିଶ୍ର, ଲିଟୁ ପଟ୍ଟନାୟକ, ତ୍ରିଲୋଚନ ପ୍ରଧାନ, ସୁକାନ୍ତ ଛୋଟରାୟ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ସଂପାଦକ ହେମା ମହାପାତ୍ର ଧନ୍ୟବାଦ ଜଣାଇଥିଲେ । ଆଜି ୨୫ ତାରିଖ ଶ୍ରୀ ଶ୍ରୀ ଲିଙ୍ଗରାଜ ମହାପ୍ରଭୁ ରାତି ୯ଟାରେ ନୃତ୍ୟ ସଂଗୀତ ସହ ମନ୍ଦିରକୁ ଫେରିଯିବେ ।

# ମହାରାଜା କୃଷ୍ଣଚନ୍ଦ୍ର ଗଜପତିଦେବଙ୍କ ୫୦ତମ ଶ୍ରାଦ୍ଧବାର୍ଷିକୀ ପାଳିତ

ମାଲକାନଗିରି,(ପି.ଏନ): ଉତ୍କଳର ବରପୁତ୍ର ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତିଦେବଙ୍କ ୫୦ତମ ଶ୍ରାଦ୍ଧବାର୍ଷିକୀ ସ୍ଥାନୀୟ ଏକ୍ସ ବୋର୍ଡ଼ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି । ଉତ୍କଳ ସମ୍ମିଳନୀ ମାଲକାନଗିରି ଶାଖା ଓ ଏକ୍ସ ବୋର୍ଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ମିଳିତ ସହଯୋଗରେ ଏହା ପାଳନ କରାଯାଇଅଛି । ଉତ୍ସବରେ ଉତ୍କଳ ସମ୍ମିଳନୀର ସଭାପତି ଅଧ୍ୟାପକ ଡଃ. ରଞ୍ଜନ କୁମାର ସ୍ୱାଇଁ ସଭାପତିତ୍ୱ କରିଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ମହେଶ୍ୱର ଚନ୍ଦ୍ର ନାୟକ ମୁଖ୍ୟଅତିଥି, ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଡାକ୍ତର ଧନେଶ୍ୱର ମହାପାତ୍ର ମୁଖ୍ୟବକ୍ତା, ଉପନିର୍ଦ୍ଦେଶକ ଜିଲ୍ଲା ଯୋଜନା ଓ ସମନ୍ୱୟ ଗୋଲକ ଚନ୍ଦ୍ର ଦଳାଇ, ଅଧକ୍ଷ ପଲିଟେକନିକ୍ ଇଞ୍ଜିନିୟର ଜ୍ଞାନେନ୍ଦ୍ର ରଞ୍ଜନ ଦାସ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମିଳା ମାଝୀ ପ୍ରମୁଖ ସମ୍ମାନୀତ ଅତିଥିଭାବେ ଯୋଗଦାନ କରିଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ମୁଖ୍ୟଅତିଥି ତଥା ନିମନ୍ତ୍ରିତ ଅତିଥିଗଣ ବିଦ୍ୟାଳୟ ପରିସରରେ ଥିବା ମହାରାଜ କୃଷ୍ଣଚନ୍ଦ୍ର ଗଜପତିଦେବଙ୍କ ପ୍ରତିମୂର୍ତି ଓ ଗାନ୍ଧୀ, ଗୋପବନ୍ଧୁ ଓ ଗୌତମ ବୁଦ୍ଧଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ ପୂର୍ବକ ଧୂପ ଦୀପ ପ୍ରଜ୍ୱଳନ କରିଥିଲେ । ମହାବିଦ୍ୟାଳୟର ଛାତ୍ରୀ ପ୍ରିୟଙ୍କା ବାଘଙ୍କ ଦ୍ୱାରା ବନ୍ଦେ ଉତ୍କଳଜନନୀ ସଂଗୀତ ଗାନ କରାଯିବା ପରେ ମୁଖ୍ୟଅତିଥି ଓ ସମ୍ମାନୀତ ଅତିଥିଗଣ ଉତ୍କଳ ପ୍ରଦେଶ ଗଠନ ନବ ଉତ୍କଳର ଗଠନରେ ମହାରାଜଙ୍କର ଅବଦାନ ସଂପର୍କରେ ଉପସ୍ଥିତ ଛାତ୍ରଛାତ୍ରୀ, ସମବେତ ଜନତା, ଶିକ୍ଷକ ଶିକ୍ଷୟିତ୍ରୀ, ବୁଦ୍ଧିଜିବୀଙ୍କୁ ଅବଗତ କରାଇଥିଲେ । ପରିଶେଷରେ ବିଦ୍ୟାଳୟର ଶିକ୍ଷକ ସମୀର କାନ୍ତ ରଥ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଉତ୍କଳ ସମ୍ମିଳନୀର ଆଜୀବନ ସଦସ୍ୟ ରବୀନ୍ଦ୍ର କୁମାର ମହାରଣା ଓ ସମ୍ପାଦକ ଅଧ୍ୟାପକ ପ୍ରମିୟ କୁମାର ମହାନ୍ତି, ଏବିଇଓ ଗୌରାଙ୍ଗ ସଜନ, ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ କବିତା ମହାପାତ୍ର, ଜୀବନକୁମାର ମହାନ୍ତି, ରାଜ୍ୟ ପ୍ରାଥମିକ ଶିକ୍ଷକ ସଂଘ ଉପସଭାପତି ରଞ୍ଜିତ କୁମାର ନାୟକ, ଜିଲ୍ଲା ଶିକ୍ଷକ ସଂଘ ସଭାପତି ତାରକ ମଣ୍ଡଳ, ଶିକ୍ଷକ କବୀରମୋହନ ବେହେରା, ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ସଦସ୍ୟ ଭାଗିରଥି ରେଡ୍ଡୀ, ବରିଷ୍ଠ ସାମ୍ବାଦିକ ରତ୍ନାକର ଦାସ, ଜ୍ଞାନଚାନ୍ଦ ଜଗନ୍ନାଥ, ଗୋପୀକୃଷ୍ଣ ପଟ୍ଟନାୟକ, ଆଶୋକ କୁମାର ମିଶ୍ର ପ୍ରମୁଖ ଯୋଗଦାନ କରି କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ ।

# ବଜ୍ରାଘାତରେ ବିଜେଡି ନେତାଙ୍କ ପରଲୋକ

ଭଦ୍ରକ, (ପି.ଏନ) ଭଦ୍ରକ ଜିଲା ତିହିଡ଼ି ବ୍ଲକ ଗୋବିନ୍ଦପୁର ପ ାୟତ ଅଧୀନ କୁଆଁରଚତର ଗ୍ରାମର ବରିଷ୍ଠ ବିଜେଡି ନେତା ଦାମୋଦର ମହାନ୍ତି (୬୨)ଙ୍କର ବୁଧବାର ଅପରାହ୍ନରେ ବଜ୍ରାଘାତରେ ପରଲୋକ ହୋଇଯାଇଛି । ପ୍ରକାଶ ଯେ, ଦାମୋଦର ଅପରାହ୍ନରେ ଘରୁ ପଦାକୁ ଯାଇଥିଲେ । ଏହି ସମୟରେ ବଜ୍ରପାତ ହେବାରୁ ସେ ଗୁରୁତର ଆହତ ହୋଇଥିଲେ । ତାଙ୍କୁ ଚିକିତ୍ସା ପାଇଁ ତିହିଡ଼ି ଡାକ୍ତରଖାନାରେ ଭର୍ତି କରାଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ସ୍ୱର୍ଗତ ମହାନ୍ତି ବିଜେଡିର ଜଣେ ପୁରୁଖା ନେତା ଭାବେ ଦଳର ସଂଗଠନକୁ ସୁଦୃଢ଼ କରିବା ସହିତ ବିଭିନ୍ନ ସମାଜସେବା କାର୍ଯ୍ୟରେ ମଧ୍ୟ ନିଜକୁ ନିୟୋଜିତ କରିଥିଲେ । ତାଙ୍କ ଆକସ୍ମିକ ମୃତ୍ୟୁ ଖବର ପାଇ ଚାନ୍ଦବାଲି ବିଧାୟକ ଡ. ବ୍ୟୋମକେଶ ରାୟ, ପୂର୍ବତନ ବିଧାୟକ ବିଜୟ ନାୟକ, ବ୍ଲକ ଅଧକ୍ଷା ଅବନ୍ତୀ ଦାସ, ଜିଲାପରିଷଦ ସଭ୍ୟ ଅମୂଲ୍ୟ ମାଝୀ ଓ ସୁଶ୍ରୀ ବିଦ୍ୟୁତଲତା ନାୟକ, ବ୍ଲକ ବିଜେଡି ସଭାପତି ରଘୁନାଥ ପଣ୍ଡା, ବରିଷ୍ଠ ବିଜେଡି ନେତା ସୁରେନ୍ଦ୍ର ନାୟକ, ସରପ କ୍ଷୀରାବ୍ଧୀତନୟା ମଳିକ, ସମିତିସଭ୍ୟ କୈଳାସ ମାଝୀ, ପୂର୍ବତନ ସରପ ମାନସ ସାହୁ, ସମବାୟ ସମିତି ସଭାପତି ମାନସ ନାୟକ, ପୂର୍ବତନ ସମିତିସଭ୍ୟ ଲିଙ୍ଗରାଜ ନାୟକ, ବିଜେଡି ନେତା ସରୋଜ ନାୟକ, ନରେନ୍ଦ୍ର ମହାରଣା, ମୁରଲୀଧର ମାଝୀ, ଲକ୍ଷ୍ମୀକାନ୍ତ ବଳ ପ୍ରମୁଖଙ୍କ ସହିତ ବହୁ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି ।

# ପୋଷ୍ଟ ଅଫିସ ଜରିଆରେ ଯୋଗ୍ୟ ହିତାଧିକାରୀଙ୍କୁ ନିଜ ଘର ପାଖରେ ଭତା ପ୍ରଦାନ କରାଯାଉ : କଂଗ୍ରେସ

ଭୁବନେଶ୍ୱର (ପି.ଏନ) : ଗତ ଦୁଇ ଦିନ ତଳେ ରାଜ୍ୟ ସରକାର ଓଡ଼ିଶାର ଭତା ପାଉଥିବା ହିତାଧିକାରୀଙ୍କୁ ନଗଦ ରାଶି ଆକାରରେ ଭତା ପ୍ରଦାନ କରିବା ନିଷ୍ପତି ବିଜୁ ଜନତା ଦଳ ସରକାରର ଆଉ ଏକ ନିର୍ବାଚନୀ ଚାଲ ବୋଲି ଆଜି ପ୍ରଦେଶ କଂଗ୍ରେସ ଭବନରେ ଆହୁତ ଏକ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ଅର୍ଥମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ଶ୍ରୀ ପଂଚାନନ କାନୁନ୍‌ଗୋ ଅଭିଯୋଗ କରିଛନ୍ତି । ଶ୍ରୀ କାନୁନ୍‌ଗୋ ସାମ୍ବାଦିକ ମାନଙ୍କୁ ସୁଚନା ଦେଇ କହିଛନ୍ତି ଯେ, ୨୦୦୮ ମସିହାରୁ ରାଜ୍ୟ ସରକାର ମଧୁବାବୁ ପେନସନ୍ ଯୋଜନା ମାଧ୍ୟମରେ ରାଜ୍ୟର ବିଭିନ୍ନ ବର୍ଗ ବିଶେଷ କରି ବିଧବା ମହିଳା, ବାର୍ଦ୍ଧକ୍ୟ ହେତୁ ଓ ଏଡ଼ସ୍ ଆକ୍ରାନ୍ତ ବ୍ୟକ୍ତି ବିଶେଷ ମାନଙ୍କୁ ଭତା ପ୍ରଦାନ କରୁଛନ୍ତି । ୧୯୭୮ ମସିହାରୁ ଭାରତ ବର୍ଷର ସେତେବେଳର କେନ୍ଦ୍ରର କଂଗ୍ରେସ ସରକାର ଇନ୍ଦିରାଗାନ୍ଧୀ ପେନସନ୍ ଯୋଜନା ଲାଗୁ କରିଥିଲେ । ଏହି ପେନସନ୍ ଯୋଜନା ସରକାରଙ୍କର ସାମାଜିକ ନ୍ୟାୟ ବ୍ୟବସ୍ଥାର ଏକ ଅଂଶ ବିଶେଷ । ରାଜ୍ୟରେ ସମୁଦାୟ ୨୮ ଲକ୍ଷ ୨୦ ହଜାର ଯୋଗ୍ୟ ଭତା ପାଇବା ପାଇଁ ହିତାଧିକାରୀ ଅଛନ୍ତି । ତନ୍ମଧ୍ୟରୁ ୧୩ ଲକ୍ଷ ଲୋକଙ୍କୁ କେନ୍ଦ୍ରୀୟ ସାମାଜିକ ନ୍ୟାୟ ଯୋଜନାରେ ସିଧାସଳଖ ବ୍ୟାଙ୍କ ଟ୍ରାନ୍ସଫର ମାଧ୍ୟମରେ ଭତା ପ୍ରଦାନ କରାଯାଉଅଛି । ବାକି ୧୫ ଲକ୍ଷ ୨୦ ହଜାର ଲୋକଙ୍କୁ ରାଜ୍ୟ ସରକାର ୫ ଶହ ରୁ ୭ ଶହ ଟଙ୍କା ପ୍ରଦାନ କରୁଛନ୍ତି । ଯେଉଁମାନେ ୮୦ବର୍ଷରୁ ଉର୍ଦ୍ଧ୍ୱ ସେମାନଙ୍କୁ ୭୦୦ ଟଙ୍କା ଭତା ପ୍ରଦାନ କରାଯାଉଅଛି । ପ୍ରକାଶ ଥାଉ କି ଭାରତ ବର୍ଷର ଓଡ଼ିଶା ଏକମାତ୍ର ରାଜ୍ୟ ଯେଉଁଠି କି ସବୁଠାରୁ କମ୍ ବା ଅତି ନଗଣ୍ୟ ଅର୍ଥରାଶି ଭତା ଆକାରରେ ଦିଆଯାଉଛି । ଏପରିକି ଓଡ଼ିଶା ଠାରୁ ବହୁ ଛୋଟ ରାଜ୍ୟ ମାନଙ୍କରେ ସର୍ବନିମ୍ନ ଭତା ୧୫୦୦ ଟଙ୍କା ରୁ ଅଧିକ । ଓଡ଼ିଶା ସରକାର ହଠାତ୍ ନିର୍ବାଚନ ପାଖେଇ ଆସିଲାବେଳକୁ ଏଭଳି ଏକ ନିଷ୍ପତି କାହିଁକି ନେଇଛନ୍ତି ? ପ୍ରକୃତ ଉଦ୍ଦେଶ୍ୟ କ'ଣ ଓଡ଼ିଶାର ଗରୀବ ଅସହାୟ ହିତାଧିକାରୀଙ୍କୁ ଠିକ୍ ସମୟରେ ତାଙ୍କ ପାଖରେ ଭତା ପହଂଚାଇବା ନା ଏହା କେବଳ ନିର୍ବାଚନକୁ ଆଖି ଆଗରେ ରଖି ଆଉ ଏକ ଛଳନା । ରାଜ୍ୟ କଂଗ୍ରେସ ଦଳ ଡିମାଣ୍ଡ କରୁଛି ଯେ, ହିତାଧିକାରୀଙ୍କ ପାଖରେ ନଗଦ ରାଶି ପହଂଚୁ କିନ୍ତୁ ନଗଦ ରାଶିକୁ ବିଜୁ ଜନତା ଦଳର କର୍ମୀ ଓ ସଂଗଠକଙ୍କ ଜରୀଆରେ ଏ ରାଶିକୁ ବଂଟନ କରାନଯାଉ । ଏହି ଭତା ରାଜ୍ୟର ସରକାରୀ ତହବିଲ୍‌ରୁ ପ୍ରଦାନ କରାଯାଉଛି । ଏହା ବିଜୁ ଜନତା ଦଳ ବା ନବୀନ ବାବୁଙ୍କର ନିଜସ୍ୱ ପଇସା ନୁହଁ ଯାହାକି ଭତା ଆକାରରେ ପ୍ରଦାନ କରାଯାଉଛି ବୋଲି ଶ୍ରୀ କାନୁନ୍‌ଗୋ କହିଛନ୍ତି । ଓଡ଼ିଶାରେ ୬୭୯୮ ଗ୍ରାମ ପଂଚାୟତ ଅଛି ଏବଂ ଓଡ଼ିଶାରେ ଗ୍ରାମାଂଚଳରେ ୮୩୨୯ ଟି ପୋଷ୍ଟ ଅଫିସ ଅଛି, ତତ୍‌ସହିତ ୭୬୫ ଟି ଉପଡାକଘର ଅଛି । ତେଣୁ ପ୍ରତ୍ୟେକ ପଂଚାୟତରେ ଗୋଟିଏ ପୋଷ୍ଟ ଅଫିସ୍ ଅଛି । ମୁଖ୍ୟମନ୍ତ୍ରୀ ବା ତାଙ୍କର ଚଳନ୍ତି ସର୍ବବିଦ୍ୟମାନ ସର୍ବଜ୍ଞ୍ୟ, ଯେଉଁ ବାବୁ ଜଣଙ୍କ ନିଜକୁ ବହୁ ପ୍ରଭାବଶାଳୀ ବୋଲି କହୁଛନ୍ତି, ସେ ଯାଇ ପୋଷ୍ଟ ମାଷ୍ଟର ଜେନେରାଲଙ୍କ ସହିତ କଥା ହୋଇ, ଭତା ପାଉଥିବା ହିତାଧିକାରୀଙ୍କୁ ପୋଷ୍ଟ ଅଫିସ୍ ମାଧ୍ୟରେ ଭତା ୧୫ ତାରିଖ ସୁଧା ହିତାଧିକାରୀଙ୍କ ପାଖରେ ପହଂଚାଇବାର ବ୍ୟବସ୍ଥା କରନ୍ତୁ । ଦୁର୍ଗମ ଅଂଚଳକୁ ମୋବାଇଲ ପୋଷ୍ଟଭ୍ୟାନ ଦ୍ୱାରା ହିତାଧିକାରୀଙ୍କ ପାଖକୁ ଭତା ପଠାଯାଇପାରିବ । ଭତା ପ୍ରଦାନବେଳେ ତାଙ୍କର ଟିପ ଚିହ୍ନ କିମ୍ବା ଦସ୍ତଖତ ଡାକବିଭାଗର କର୍ମଚାରିମାନେ ସଂଗ୍ରହ କରିବେ । ଏହା ଦ୍ୱାରା ବାଟ ମାରଣା ହୋଇପାରିବ ନାହିଁ । ଯଦି ନଗଦ ରାଶି ବଂଟନ କରାଯାଏ ତାହାଲେ ଏଥିରେ ବିଜୁ ଜନତା ଦଳର ସରକାରଙ୍କୁ ଦୁଇଟି ଫାଇଦା ହେବ ଯଥା (୧) ନବୀନ ବାବୁ ଭତା ପଠାଇଛନ୍ତି ବା ଦେଉଛନ୍ତି ବୋଲି ପ୍ରଚାର ହେବ ଏବଂ (୨) ବିଜୁ ଜନତା ଦଳର କର୍ମୀ ଓ ସଂଗଠକ ମାନେ ବହୁ ପରିମାଣରେ ଦୁର୍ନିତି କରିବାରେ ସୁଯୋଗ ପାଇବେ । ସ୍ୱଚ୍ଛତାର ଡିଣ୍ଡିମ ପିଟୁଥିବା ସରକାର ଆଜିର ଏଭଳି ନିଷ୍ପତି ନେବା ଅତ୍ୟନ୍ତ ଆଶ୍ଚର୍ଯ୍ୟଜନିତ । ପ୍ରଦେଶ କଂଗ୍ରେସ ମୁଖପାତ୍ର ଶ୍ରୀ ରଜନୀ ମହାନ୍ତି କହିଲେ ୨୦୦୮ ମସିହାରୁ ଓଡ଼ିଶାର ନିସ୍ୱ, ବୃଦ୍ଧ ଓ ବୃଦ୍ଧାମାନଙ୍କୁ ମଧୁବାବୁ ଭତା ପ୍ରଦାନ କରାଯାଉଅଛି । ୧୬ ବର୍ଷ ପରେ ହଠାତ୍ କିନା ନିର୍ବାଚନ ସମୟରେ ନବୀନ ବାବୁ ଏକଥା କ'ଣ ହୃଦୟଙ୍ଗମ କଲେ ଯେ, ଭତା ଆଣିବା ପାଇଁ ସେମାନଙ୍କୁ ବହୁ ଯନ୍ତ୍ରଣା ଭୋଗ କରିବାକୁ ପଡୁଛି ବୋଲି ? ପ୍ରକୃତରେ ମୁଖ୍ୟମନ୍ତ୍ରୀଙ୍କର ରାଜ୍ୟର ଏହି ୧୫ ଲକ୍ଷ ୨୦ ହଜାର ହିତାଧିକାରୀଙ୍କ ପ୍ରତି ତିଳେମାତ୍ର ନିଷ୍ଠା ନାହିଁ । କେବଳ ନିର୍ବାଚନକୁ ଆଖି ଆଗରେ ରଖି ଏହି ଚାଲବାଜିଟି କରାଯାଉଛି । ନବୀନ ବାବୁ ଦିଲ୍ଲୀର ନିଜ ବାସଭବନକୁ ବିକ୍ରି କରି କିମ୍ବା ବିଜୁ ଜନତାଦଳ ନିଜସ୍ୱ ପାଣ୍ଠିରୁ ୧ଟଙ୍କା ପ୍ରଦାନ କରୁନାହିଁ । ତାହାଲେ ଏତେ ମିଛ ହୁରି ପକାଇବା ପାଇଁ ଏ ଯୋଜନା କାହିଁକି ? କଂଗ୍ରେସ ଦଳ ମଧ୍ୟ ଡିମାଣ୍ଡ କରୁଛି ରାଜ୍ୟ ସରକାର କାଳ ବିଳମ୍ୱ ନକରି ଭତା ରାଶିର ପରିମାଣ ଅତିଶୀଘ୍ର ବୃଦ୍ଧି କରନ୍ତୁ । ଏପରିକି ନିକଟରେ କର୍ଣ୍ଣାଟକ କଂଗ୍ରେସ ସରକାର ମହିଳାମାନଙ୍କୁ ୨ ହଜାର ଟଙ୍କା ପ୍ରତି ମାସରେ ଆର୍ଥିକ ସହାୟତ ଭତା ବାଦ ମଧ୍ୟ ପ୍ରଦାନ କରୁଛନ୍ତି । ପ୍ରଦେଶ କଂଗ୍ରେସର ମୁଖପାତ୍ର ଶ୍ରୀ ପ୍ରଶାନ୍ତ ଶତପଥି କହିଲେ ଯେ, ଯଦି ରାଜ୍ୟର ୧୩ ଲକ୍ଷ ଲୋକଙ୍କୁ କେନ୍ଦ୍ର ସରକାରଙ୍କ ଭତା ବ୍ୟାଙ୍କ ଟ୍ରାନ୍ସଫର ମାଧ୍ୟମରେ ସିଧାସଳଖ ଦିଆଯାଉଛି ତାହାଲେ ଓଡ଼ିଶାରେ ଏ ବ୍ୟବସ୍ଥା କାହିଁକି ହୋଇପାରୁନାହିଁ । ଏଥିପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଦାୟୀ ରହିବା ଉଚିତ୍ । ରାଜ୍ୟରେ ଗ୍ରାମାଂଚଳରେ ଅଧିକ ବ୍ୟାଙ୍କ କାହିଁକି ଖୋଲାଯାଇନାହିଁ । ଏହାର ଉତର କିଏ ରଖିବ । ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ମୁଖପାତ୍ର ଅପର୍ଣ୍ଣା ଧିର ସିଂ ଓ ଗଣମାଧ୍ୟମ ସଂଯୋଜକ ଦୀପକ କୁମାର ମହାପାତ୍ର ଉପସ୍ଥିତ ଥିଲେ ।




Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751010 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray